## ଆଜି କ'ଣ କେଉଁଠି

**ଧର୍ମଶାଳା**

- ୭୧ତମ ଜିଲାସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ-ଭୁବନ ଧର୍ମଶାଳା, ସମୟ ସକାଳ ୯ଟା ।

## ଚୋରି ବାଇକ୍ ଜବତ, ଜଣେ କୋର୍ଟ ଚାଲାଣ

**ପାଣିକୋଇଲି,୩୧।୧୦(ଡି.ଏନ.ଏ.):** ପାଣିକୋଇଲି ପୋଲିସ ସୋମବାର ଏକ ଚୋରି ବାଇକ୍ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି । ସେ ହେଲେ ଯାଜପୁର ସଦର ଥାନା ବଡ଼ ବାଗସାହି ଗ୍ରାମର ଦେବଜିତ୍ ସାମଲ । ଶନିବାର ସାହାପୁର ହାଟକୁ ଗୋଳେଇପୁର ପଞ୍ଚାୟତ ବଡ଼ ତ୍ରିଲୋଚନପୁର (ମକୁନ୍ଦବିନ୍ଧା) ଗ୍ରାମର ସତ୍ୟଭାମା ବାରିକ ତାଙ୍କ ଜ୍ୱାଇଁଙ୍କ ଗାଡ଼ିରେ ଯାଇଥିଲେ । ସେଠାରେ ପରିବା ଓ ସଉଦା ପତ୍ର କିଣି ଆସିବା ବେଳକୁ ଜ୍ୱାଇଁଙ୍କ ବାଇକ୍(ନଂ. ଓଡି୦୪କିୟୁ ୮୫୫୨)ଟି ଚୋରି ହୋଇଯାଇଥିଲା । ଏନେଇ ସେ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୨୫୦/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା ।

## ୨ ଟ୍ରକ୍ ଧକ୍କା, ଦୁଇ ଗୁରୁତର

**ପାଣିକୋଇଲି,୩୧।୧୦(ଡି.ଏନ.ଏ.):** ପାଣିକୋଇଲି ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର କାଜିପାଟଣା ନିକଟରେ ରବିବାର ବିଳମ୍ବିତ ରାତିରେ ଟ୍ରକ ପଛରୁ ଟ୍ରକ ଧକ୍କା ଦେବା ଫଳରେ ଚାଳକ ଓ ଖଲାସୀ ଗୁରୁତର ହୋଇଛନ୍ତି । ତାଳଚେରରୁ କୋଇଲା ବୋଝେଇ କରି ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ୧୬ ଚକିଆ ଟ୍ରକ( ନଂ.ଓଡି ୩୫ଜି-୧୬୭୩) ଛିଡା ହୋଇଥିବା ସମୟରେ ପଛରୁ ଏକ ଲୁହାପଥର ବୋଝେଇ ଟ୍ରକ (ନଂ.ଡବ୍ଲ୍ୟୁବି ୨୯ସି-୧୬୭୩) ପଛରୁ ଧକ୍କା ଦେଇଥିଲା। ଫଳରେ ଲୁହାପଥର ଟ୍ରକର ଚାଳକ ଓ ଖଲାସୀ ଗୁରୁତର ଆହତ ହୋଇଥିଲେ ।

## ଚାହାଣି ପରିବାର ପକ୍ଷରୁ ଶୋକ

**ପାଣିକୋଇଲି,୩୧।୧୦(ଡି.ଏନ.ଏ.):** ବିଶିଷ୍ଟ ବୌଦ୍ଧ ଗବେଷକ ଓ ସଂଗ୍ରାହକ ତଥା ଧର୍ମଶାଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ନୃସିଂହ ଚରଣ ସାହୁଙ୍କ ପରଲୋକରେ ଚାହାଣି ସାହିତ୍ୟ ମଞ୍ଚ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି । ତାଙ୍କ ପରଲୋକରେ ବୌଦ୍ଧ ଗବେଷଣା କ୍ଷେତ୍ରରେ ଏକ ବିଶାଳ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଚାହାଣି ସାହିତ୍ୟ ମଞ୍ଚ ଓ ପରିବାର ସହ ତାଙ୍କର ନିବିଡ ସମ୍ପର୍କ ଥିଲା । ଚାହାଣି ପତ୍ରିକାର ପ୍ରତି ସଂଖ୍ୟାରେ ସାହୁଙ୍କ ଗବେଷଣା ଭିତ୍ତିକ ପ୍ରବନ୍ଧ ପ୍ରକାଶିତ ହେଉଥିଲା । ତାଙ୍କ ମୃତ୍ୟୁରେ ଚାହାଣିର ସମ୍ପାଦକ ବରିଷ୍ଠ ଅଧ୍ୟାପକ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି ଗଭୀର ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

## ସୁରଭିରେ ସତ୍ୟମ ପ୍ରଥମ



**ସିଂହପୁର,୩୧।୧୦(ଡି.ଏନ.ଏ.):** ବିଂଝାରପୁର ବ୍ଲକ ଅଧୀନ ପୂର୍ଣ୍ଣଚନ୍ଦ୍ର ଉପ୍ରା ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ବିଇଓ ସୁବାସ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ବାଙ୍ଗରା କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ସତ୍ୟମ ମଲ୍ଲିକ ସଙ୍ଗୀତରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ସତ୍ୟମ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକ ଓ କଳା ଶିକ୍ଷୟିତ୍ରୀ ଅନୁପମା ନାୟକଙ୍କ ପୁଅ ଅଟନ୍ତି ।

## ଇନ୍ଦିରା ଗାନ୍ଧୀ ତିରୋଧାନ ଦିବସ

**ଯାଜପୁର ସଦର,୩୧।୧୦(ଡି.ଏନ.ଏ.):** ଯାଜପୁର ଜିଲା କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ କାର୍ଯ୍ୟାଳୟରେ ସଭାପତି ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ବାରୁଣି ପଡିଆ ଓ ଗରିଆପୁରସ୍ଥିତ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଜିଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯକ୍ରମରେ ଅତିଥିମାନେ ଯୋଗଦେଇ ଇନ୍ଦିରାଙ୍କ ଅବଦାନକୁ ଭାରତର ଜନସାଧାରଣ କେବେ ଭୁଲିପାରିବେ ନାହିଁ ବୋଲି କହିଥିଲେ । ସଭାରେ କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, ବରିଷ୍ଠ ନେତା ଦିଗମ୍ବର କର, ନାରାୟଣ ଚନ୍ଦ୍ର ସାମନ୍ତ, ଅଞ୍ଜଳ ଦାସ, ଶିଶିର ନାୟକ, ବଳଭଦ୍ର ଦାସ, ଆଲୋକ ବେହେରା, ଦୁର୍ଯ୍ୟୋଧନ ବେହେରା, ପୂର୍ଣ୍ଣଚନ୍ଦ୍ର ଜେନା, ବିଭୁତି ମହାପାତ୍ର, କନକଲତା ରାଉତ, ବିଜୟ ମହାପାତ୍ର, ବିଦ୍ୟାଧର ବାରିକ, ଅକ୍ଷୟ ଶତପଥୀ, ଆଦିତ୍ୟ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ୧୩୦ ଅଭିଯୋଗରୁ ୧୬ ସମାଧାନ

## ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

**ରସୁଲପୁର,୩୧।୧୦(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ପରିସରରେ ସୋମବାର ଯାଜପୁର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ରସୁଲପୁର ବିଡିଓ ଅବନୀକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତି ସିଂ ରାଠୋର ମୁଖ୍ୟଅତିଥି ଭାବେ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ । ଏହିକ୍ରମରେ ୧୩୦ ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୧୬ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ପଞ୍ଜିକୃତ ଅଭିଯୋଗ ମଧ୍ୟରେ ଗ୍ରାମୀଣ ଆବାସ ପାଇଁ ୨୬, ଖାଦ୍ୟ ସୁରକ୍ଷାରେ ନାମ ପଞ୍ଜିକରଣ ପାଇଁ ୩, ଭତ୍ତା ପାଇଁ ୩୩, ସାମୂହିକ ସ୍ୱାର୍ଥ ସମ୍ବଳିତ ଅଭିଯୋଗ ୮, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସହାୟତା ପାଇଁ ୬, ରେଡକ୍ରସରୁ ସହାୟତା ପାଇଁ ୩ ଅଭିଯୋଗ କରିଥିଲେ । ଏଥି ସହିତ ସୁଆଁସାହି ଗ୍ରାମରେ ଗୋଚର ଜମି ଜବର ଦଖଲକୁ ନେଇ ଲାଗିଥିବା ବିବାଦକୁ ନେଇ ଅଭିଯୋଗ ହୋଇଥିଲା।



ଜନ ଅଭିଯୋଗ ଶୁଣାଣିରେ ଜିଲାପାଳ ଏବଂ ଅନ୍ୟମାନେ।

ଜବରଦଖଲ ଘଟଣାର ତଦନ୍ତ ପାଇଁ ରସୁଲପୁର ତହସିଲଦାର ନିରଞ୍ଜନ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିଭଳି ଦୁର୍ଗାପୁରଠାରୁ ଶିଆଳିଆ ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀର ବାମପାର୍ଶ୍ୱ ବନ୍ଧ ମରାମତି ଓ ପ୍ରଶସ୍ତୀକରଣ କାର୍ଯ୍ୟ କରାଯାଉଛି । ଏହି କାମରେ ବ୍ୟାପକ ଅନିୟମିତତା ହେଉଛି । ନିମ୍ନମାନର କାମ କରାଯାଉଛି । ନଦୀବନ୍ଧ ପାର୍ଶ୍ୱ ଗଛଗୁଡିକୁ କାଟି ଦିଆଯାଉଛି । ଏ ଦିଗରେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି । ଏ ନେଇ ଆପତ୍ତିକଲେ ଠିକାଦାର ପକ୍ଷରୁ ଲୋକଙ୍କୁ ଧମକ ଚମକ ଦିଆଯାଉଛି । ଏ ସମ୍ପର୍କରେ ହୋଇଥିବା ଅଭିଯୋଗକୁ ଉଭୟ ପୂର୍ତ୍ତ ଓ ଜଳସେଚନ ବିଭାଗର ମିଳିତ ଭାବେ ତଦନ୍ତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ଶ୍ରୀବନ୍ତପୁର ପଞ୍ଚାୟତରେ ଗୋଚର ଜମିକୁ ଲୋକଙ୍କ ବିରୋଧ ସତ୍ତ୍ୱେ ରାତି ଅଧିଆ ପ୍ରଶାସନ କିସମ ପରିବର୍ତ୍ତନ କରି ଜମିକୁ ମେଗା ପାନୀୟ ଜଳ ବିଭାଗ ହାତକୁ ଟେକି ଦେଇଛନ୍ତି । ଏହି ନିଷ୍ପତ୍ତିକୁ ପୁର୍ନବିଚାର କରା ନ ଗଲେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ନାନା ସମସ୍ୟାର ସମ୍ମୁଖୀନ ହେବେ ବୋଲି ଅଭିଯୋଗକାରୀ ଜିଲାପାଳଙ୍କୁ ଦର୍ଶାଇଥିଲେ । ଜନସାଧାରଣଙ୍କ ଏଭଳି ଅଭିଯୋଗକୁ ଜିଲାପାଳ ଗୁରୁତ୍ୱ ଦେଇ ନ ଥିଲେ । ଏଭଳି ୮ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ସାମୂହିକ ଅଭିଯୋଗ ଆସିଥିଲା । ଏ ସବୁ ଅଭିଯୋଗକୁ ନେଇ ପ୍ରଶାସନ ପକ୍ଷରୁ ସନ୍ତୋଷଜନକ ପଦକ୍ଷେପ ନିଆ ନ ଗଲେ ଗ୍ରାମବାସୀ କୋର୍ଟର ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଛନ୍ତି ।

ଉକ୍ତ ଜନ ଶୁଣାଣି ଶିବିରରେ ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପି.ଆର କାର୍ଯ୍ୟବ୍ୟସ୍ତତା ଯୋଗୁ ଯୋଗଦେଇ ପାରି ନ ଥିଲେ । ତାଙ୍କର ପ୍ରତିନିଧି ଭାବେ ଯାଜପୁର ସଞ୍ଜୟ କୁମାର ପଟ୍ଟନାୟକ, ଏଡିଏମ୍(ପ୍ରଶାସନ) ଅକ୍ଷୟ କୁମାର ମଲ୍ଲିକ, ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେଉରିଆ, ଅତିରିକ୍ତ ଜିଲାପାଳ ତିଳୋତ୍ତମା ପୃଷ୍ଟି, ତହସିଲଦାର ନିରଞ୍ଜନ ସାହୁ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ଲୋକମାନଙ୍କ ସମସ୍ୟା ଶୁଣି ଥିଲେ ।



ବିଞ୍ଝାରପୁରରେ ପୂଜା ପାଉଥିବା ଲକ୍ଷ୍ମୀ ନାରାୟଙ୍କ ମୃଣ୍ମୟୀ ପ୍ରତିମା ।

## ଲକ୍ଷ୍ମୀନାରାୟଣ ପୂଜା ପାଇଁ ବିଞ୍ଝାରପୁର ଉତ୍ସବମୁଖର

**ବିଞ୍ଝାରପୁର,୩୧।୧୦(ଡି.ଏନ.ଏ.)**

ପବିତ୍ର ଲକ୍ଷ୍ମୀନାରାୟଣ ପୂଜା ପାଇଁ ବିଞ୍ଝାରପୁର ଉତ୍ସବ ମୁଖର ହୋଇ ଉଠିଛି। ରଙ୍ଗୀନ ଆଲୋକ ମାଳା, ଆକର୍ଷଣୀୟ ତୋରଣ ଦେଖିବା ସହିତ ଅସ୍ଥାୟୀ ଦୋକାନରୁ ବିଭିନ୍ନ ସାମଗ୍ରୀ କିଣିବାକୁ ଲୋକମାନେ ଭିଡ଼ ଜମାଇଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ଜିଣୁଛି । ଏହି ପୂଜା ଲକ୍ଷ୍ମୀନାରାୟଣ କ୍ଲବ ଆନୁକୂଲ୍ୟରେ ୪୫ବର୍ଷ ହେବ ହୋଇଆସୁଛି । ଗୌରାଙ୍ଗ ମିଶ୍ରଙ୍କ ତତ୍ତ୍ୱାବଧାନରେ ପୂଜା ହୋଇଥିଲାବେଳେ କ୍ଲବର ବରିଷ୍ଠ ସଦସ୍ୟ ଅନିଲ ଦାସ ଓ ଅନ୍ୟ ସଦସ୍ୟମାନେ ସହଯୋଗ କରୁଛନ୍ତି । ମଙ୍ଗଳବାର ପୂଜା କମିଟି ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# ଜିଲାସ୍ତରୀୟ ଭିଜିଲାନ୍ସ ସପ୍ତାହ ଆରମ୍ଭ



ପ୍ରଶାସନିକ ଅଧିକାରୀମାନେ ଶପଥ ପାଠ କରୁଛନ୍ତି।

**ରସୁଲପୁର,୩୧।୧୦(ଡି.ଏନ୍.ଏ.)**

ଯାଜପୁର ଜିଲା ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଯାଜପୁର ଜିଲାସ୍ତରୀୟ ଭିଜିଲାନ୍ସ ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ କକ୍ଷରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତି ସିଂ ରାଠୋରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ପୂର୍ବାହ୍ନ ୧୦ଟା ୫୫ମିନିଟ୍ ସମୟରେ ମୁଖ୍ୟମନ୍ତ୍ରୀ ଲୋକସେବା ଭବନରରୁ ଏକ ଭିଡିଓ କନ୍‌ଫରେସିଂ ଜରିଆରେ ଜିଲାପାଳ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଦେବା ସହ ଭିଜିଲାନ୍ସ ସପ୍ତାହ ଶୁଭାରମ୍ଭ କରିଥିଲେ । ଏହି ପରିପେକ୍ଷୀରେ ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ତ କୁମାର ଜେଠୱାଙ୍କ ପକ୍ଷରୁ ଭିଜିଲାନ୍ସ ବିଭାଗର ସଫଳତା ସମ୍ପର୍କରେ ଏକ ଭିଡିଓ ଜାରି କରାଯାଇଥିଲା । ସପ୍ତାହ ପାଳନର ଗୁରୁତ୍ୱ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ପ୍ରମୁଖ ସୂଚନା ଦେଇଥିଲେ । ଏଡିଜି ଅସିତ୍ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଦକ୍ଷ ଭିଜିଲାନ୍ସ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ଜିଲା ଏଡିଏମ୍(ପ୍ରଶାସନ) ଅକ୍ଷୟ କୁମାର ମଲ୍ଲିକ, ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେଉରିଆଙ୍କ ସମେତ ଜିଲାର ସମସ୍ତ ଅଧିକାରୀମାନେ ଯୋଗଦେଇଥିଲେ । ଏହି କ୍ରମରେ ବିଡିଓ ଅବନୀକାନ୍ତ ସାହୁ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଶପଥ ଗ୍ରହଣ କରିଥିଲେ । ସମସ୍ତ ଅଧିକାରୀ ନିଜର କାର୍ଯ୍ୟକୁ ନିଷ୍ଠା, ସତ୍ୟତା, ସ୍ୱଚ୍ଛତା, ଦୁର୍ନୀତିମୁକ୍ତ, ସମାୟନୁବର୍ତ୍ତିତାର ସହ ପାଳନ କରିବା ଉପରେ ଗୁରୁତ୍ୱ ଦେବେ ବୋଲି ଶପଥପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ନେଇ ଏକ ସଚେତନତା ଶିବିର ବ୍ଲକସ୍ତରରେ ଆରମ୍ଭ କରାଯିବ । ପରେ ଏହାକୁ ପଞ୍ଚାୟତ ସ୍ତରରେ ପାଳନ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି ବୋଲି ବିଡିଓ ସାହୁ ସୂଚନା ଦେଇଛନ୍ତି ।

## ତାରିଣୀ ମନ୍ଦିରରେ ରାମଚରିତ ମାନସ

**ପାଣିକୋଇଲି,୩୧।୧୦(ଡି.ଏନ.ଏ.)**

ପାଣିକୋଇଲି ମା'ତାରିଣୀ ପୀଠରେ ୩୯ ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ, ପ୍ରବଚନ ମହାଯଜ୍ଞ, ଓ ଅଷ୍ଟପ୍ରହରୀ ନାମଯଜ୍ଞ ଆରମ୍ଭ ହୋଇଛି । ରବିବାରଠାରୁ ଆରମ୍ଭ ଏହି କାର୍ଯ୍ୟକ୍ରମ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ମନ୍ଦିର ପରିଚାଳନା କମିଟି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ୟାସ ରବିନାରାୟଣ ମିଶ୍ର, ନାରାୟଣ ପଣ୍ଡା ଓ ଧାରକ ମଣ୍ଡଳୀ ଶିବ ଚରଣ ଦାଶ, ପଦ୍ମନାଭ କର, ବଂଶୀଧର ଦାଶ, ପୂଜକ ସୂର୍ଯ୍ୟମଣି ପଣ୍ଡାଙ୍କ ଦ୍ୱାରା ପ୍ରତ୍ୟେହ ସକାଳୁ ମଙ୍ଗଳା ଆରତୀ, ୭ଟାରୁ ୧୨ ପର୍ଯ୍ୟନ୍ତ ଶ୍ରୀରାମ ଚରିତ ମାନସ କାର୍ଯ୍ୟ ଚାଲୁ ରହିଛି । ସେହିପରି ସନ୍ଧ୍ୟା ଆଳତୀ ପରେ ଭଗବତ ପାଠ ଓ ପରେ ପ୍ରବଚନ କାର୍ଯ୍ୟ ଆରମ୍ଭ କରାଯାଉଛି । ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ପଣ୍ଡିତ ଅଶୋକ ପ୍ରଧାନ, ପଣ୍ଡିତ ସୁଶ୍ରୀ ତପସ୍ୱିନୀ ପାଢୀ, ପଣ୍ଡିତ ପ୍ରଫୁଲ୍ଲ ମିଶ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ପୂଜା ମଣ୍ଡପରେ କାଳୀଙ୍କ ଦର୍ଶନ କଲେ ଆକାଶ



ପୂଜାମଣ୍ଡପ କର୍ମକର୍ତ୍ତାଙ୍କ ସହ ଆକାଶ ଦାସନାୟକ ।

**କୋରେଇ,୩୧।୧୦(ଡି.ଏନ.ଏ.)**

ବ୍ୟାସନଗର ସହରର ଗଣପର୍ବ ଭାବେ ପରିଚିତ ମା' କାଳୀଙ୍କ ପୂଜା ଚଳିତ ବର୍ଷ ବହୁ ଆଡ଼ମ୍ବରରେ ଚାଲିଛି । ସନ୍ଧ୍ୟାରେ ପ୍ରତି ପୂଜାମଣ୍ଡପରେ ଭିଡ଼ ଜମୁଛି । ଏହି ଅବସରରେ ରବିବାର ପୂର୍ବତନ ବିଧାୟକ ଆକାଶ ଦାସନାୟକ ନିଜ ବାଇକ୍‌ରେ ବିଭିନ୍ନ ପୂଜାମଣ୍ଡପ ବୁଲି ମା'ଙ୍କୁ ଦର୍ଶନ କରିଥିଲେ। ବିଶେଷ କରି ସେ ଷ୍ଟିଲ୍ ସିଟି କାଳୀ ପୂଜାମଣ୍ଡପ, ନୂଆ ମାର୍କେଟ କାଳୀପୂଜା ମଣ୍ଡପ, କୋପଣ୍ଡ କାଳୀପୂଜା ମଣ୍ଡପ, ରାଧାନାଥ ମାର୍ଗ କାଳୀପୂଜା ମଣ୍ଡପକୁ ଯାଇ ମା' କାଳୀଙ୍କୁ ଦର୍ଶନ କରିଥିଲେ । ପୂଜାମଣ୍ଡପର କର୍ମକର୍ତ୍ତା ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ତାଙ୍କୁ ସ୍ଥାନୀୟ ଯୁବକମାନେ ଗୋଟିଏ ମଣ୍ଡପରୁ ଅନ୍ୟ ମଣ୍ଡପକୁ ପାଛୋଟି ନେଇଥିଲେ । ଆକାଶଙ୍କ ସହିତ ସେଲ୍ଫି ନେବା ପାଇଁ ଯୁବତୀ,ଯୁବକମାନଙ୍କ ପ୍ରବଳ ଗହଳି ଲାଗି ରହିଥିଲା ।

## ଇଙ୍ଗାର ବୋନସ ସମସ୍ୟା ସମାଧାନ, ଧାରଣା ପ୍ରତ୍ୟାହୃତ

**କାଳିଆପାଣି,୩୧।୧୦(ଡି.ଏନ.ଏ.)**

ଇଙ୍ଗା କମ୍ପାନୀରେ ବୋନସକୁ ନେଇ ଖଣି ଫାଟକ ସମ୍ମୁଖରେ ଶ୍ରମିକମାନେ ଧାରଣାରେ ବସିଥିଲେ । ସୋମବାର ଅନୁଗୋଳସ୍ଥିତ ଏଏଲସିଙ୍କ କାର୍ଯ୍ୟାଳୟରେ ତ୍ରିପାକ୍ଷିକ ଆଲୋଚନା ପରେ ଏହି ବିବାଦର ସମାଧାନ ହୋଇଛି । ଏଏଲସି ରାକେଶ ଗୁପ୍ତା, କମ୍ପାନୀ ପକ୍ଷରୁ ମାନବ ସମ୍ବଳ ଡିଜିଏମ୍ ଜଗଦାନନ୍ଦ ନାୟକ , ଶ୍ରମିକ ସଂଘ ପକ୍ଷରୁ ନାରାୟଣ ଚନ୍ଦ୍ର ଧୀର, ଇଙ୍ଗା ଶାଖା ପକ୍ଷରୁ ହଳଧର ମହାନ୍ତ ଉପସ୍ଥିତ ରହି ଶ୍ରମିକଙ୍କ ବିଭିନ୍ନ ଦାବି ଉପରେ ଆଲୋଚନା କରିଥିଲେ । କମ୍ପାନୀ ପକ୍ଷରୁ ବେସିକ୍ ଉପରେ ୧୮.୩୩% ବୋନସ ଦେବାକୁ ସହମତି ପ୍ରକାଶ ପାଇଥିଲା । ବାକି ଦାବି ଉପରେ ଉପରିସ୍ଥ ଅଧିକାରୀମାନଙ୍କ ସହ ଆଲୋଚନା ପରେ ପଦକ୍ଷେପ ନିଆଯିବ ବୋଲି କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ଶ୍ରମିକ ସଂଘର ବରିଷ୍ଠ ଉପଦେଷ୍ଟା ତଥା ପୂର୍ବତନ ଅର୍ଥମନ୍ତ୍ରୀ ଡ.ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ସୋମବାର ଧାରଣା ସ୍ଥଳରେ ପହଞ୍ଚି କମ୍ପାନୀ ଶ୍ରମିକ ଓ କର୍ମଚାରୀଙ୍କ ଦାବିକୁ ମାନିନେଇଥିବାରୁ ଧାରଣା ପ୍ରତ୍ୟାହୃତ କରିବା ପାଇଁ ପରାମର୍ଶ ଦେଇଥିଲେ । ସଂଘ ପକ୍ଷରୁ ଧାରଣା ପ୍ରତ୍ୟାହୃତ ହୋଇଥିବା ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ପ୍ରକାଶ କରିଛନ୍ତି।

## ଉତ୍ସର୍ଗ ହେଲ୍ପଲାଇନ୍ ପକ୍ଷରୁ ଟ୍ୟାଲେଣ୍ଟ ହଣ୍ଟ

**ଯାଜପୁର ରୋଡ୍,୩୧।୧୦(ଡି.ଏନ.ଏ.)**

ଲୁଚି ରହିଥିବା କଳାକାରମାନଙ୍କୁ ପରିଚିତ କରିବାକୁ ଉତ୍ସର୍ଗ ହେଲ୍ପଲାଇନ୍ ପକ୍ଷରୁ ବ୍ୟାସନଗରସ୍ତରୀୟ ଟ୍ୟାଲେଣ୍ଟ ହଣ୍ଟ ଆୟୋଜନ ହୋଇଛି। ଏଥିରେ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟରୁ ଆସିଥିବା ୧୨୦ ଛାତ୍ରୀଛାତ୍ରଙ୍କୁ ନେଇ ସ୍ଥାନୀୟ ରିଟ୍ ସ୍କୁଲ ପରିସରରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରତ୍ୟେକ ଗ୍ରୁପରୁ ୮ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ଭୁବନେଶ୍ୱରରୁ ଆସିଥିବା ନୃତ୍ୟଗୁରୁ ବିଭାସ ଦାସ, ଦେବଶକ୍ତି ମହାରଣା ଓ ରିଟ୍ ସ୍କୁଲର ପ୍ରିନ୍ସିପାଲ ଦିଗନ୍ତ ରାଉତ ଚୟନ କରିଥିଲେ। ଚୟନ ହୋଇଥିବା ପ୍ରତିଯୋଗୀମାନେ ଆସନ୍ତା ନଭେମ୍ବରରେ ହେବାକୁ ଥିବା ଶିଳ୍ପ ବାଣିଜ୍ୟ ମେଳାର ଫାଇନାଲ ରାଉଣ୍ଡରେ କଳା ପରିବେଷଣ କରିବେ। ସେହି ଦିନ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯିବ ବୋଲି ସଙ୍ଗଠନର ସଭାପତି ରାଜେଶ କୁମାର ରାଉତ ସୂଚନା ଦେଇଛନ୍ତି ।




ଉତ୍ସର୍ଗ ହେଲ୍ପଲାଇନ୍ ପକ୍ଷରୁ ବ୍ୟାସନଗରସ୍ତରୀୟ ଟାଲେଣ୍ଟ ହଣ୍ଟ।

## ଛତିଆ ପିସିସି ଟିମ୍ ବିଜୟୀ

### ସୋଲର କପ୍ କ୍ରିକେଟ୍

**ଛତିଆ,୩୧।୧୦(ଡି.ଏନ.ଏ.)**

ମହାବୀର କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ସୋଲର କ୍ରିକେଟ୍ ପଡିଆରେ ଚାଲିଥିବା ପଞ୍ଚମ ବାର୍ଷିକ ସୋଲର କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚ୍‌ରେ ଛତିଆର ପିସିସି ଟିମ୍ ବିଜୟୀ ହୋଇଛି । ବଡ଼ଚଣା ନୂଆ ଶାସନ ଟିମ୍‌କୁ ୨ ଉଇକେଟରେ ହରାଇ ପିସିସି କ୍ୱାର୍ଟର ଫାଇନାଲକୁ ଉନ୍ନତି ହୋଇଛି । ବଡଚଣା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୮୪ ରନ୍ କରିବାରେ ସମର୍ଥ ହୋଇଥିଲା । ଏହାର ଜବାବରେ ପିସିସି ଟିମ୍ ୭ ଉଇକେଟ ହରାଇ ବିଜୟୀ ହୋଇଥିଲା । ଟିମ୍ ପକ୍ଷରୁ ଚନ୍ଦନ ମହାପାତ୍ର ୨୦ ବଲ୍ ଖେଳି ୪୬ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ମଙ୍ଗଳବାର ପ୍ରଥମ କ୍ୱାର୍ଟର ଫାଇନାଲରେ ଆଠଗଡ଼ କ୍ରିକେଟ କ୍ଲବ ସହିତ ପିସିସି ଟିମ୍‌ର ମୁକାବିଲା ହେବ ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

# ଶିକ୍ଷକ ଦକ୍ଷତା ବିକାଶ ପ୍ରଶିକ୍ଷଣ

**ପାଣିକୋଇଲି, ୩୧।୧୦(ଡି.ଏନ.ଏ.)**

ଯାଜପୁର ସମଗ୍ର ଶିକ୍ଷା ଆନୁକୂଲ୍ୟରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ୫-ଟି ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକଙ୍କ ଏକ ଜିଲାସ୍ତରୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଉଛି । ଏଥିରେ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି ଅଧ୍ୟକ୍ଷତା କରିଥିଲେ । ଚଳିତ ମାସ ୨୭ରୁ ଆରମ୍ଭ ହୋଇଥିବା ୫ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଛି । ପ୍ରଥମ ୨ଦିନ ଶିକ୍ଷକମାନଙ୍କ ନେତୃତ୍ୱ ଦକ୍ଷତା ବିକାଶ ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଥିଲା । ଅବଶିଷ୍ଟ ୩ଦିନ ଡିଜିଟାଲ ଦକ୍ଷତା ବୃଦ୍ଧି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଏନସି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାତୀ ମିଶ୍ର, ଡିପିସି କାର୍ଯ୍ୟାଳୟର ଏମ୍‌ଆଇଏସ୍ ପ୍ରୋଗ୍ରାମର ରଜତ କୁମାର ସାହୁ , ବିଂଝାରପୁର ବ୍ଲକର ଯୋଜନା ସହାୟକ ସତ୍ୟବ୍ରତ ପାଢୀ ଓ ଏଡିଲିସର ସୁକାନ୍ତ କୁମାର ସ୍ୱାଇଁ ପ୍ରମୁଖ ପ୍ରଶିକ୍ଷକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଦାନଗଦି, ସୁକିନ୍ଦା ଓ କୋରାଇ ବ୍ଲକର ୬୦ ଶିକ୍ଷୟିତ୍ରୀ,ଶିକ୍ଷକ ସାମିଲ ହୋଇଥିଲେ । ପାଣିକୋଇଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟବାଦୀ ପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ଓ ପ୍ରଫୁଲ୍ଲ କୁମାର ଦାଶ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ ଓ ଶଶୀଧର ସିଂହ ଉପସ୍ଥିତ ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କୁ ଉଦବୋଧନ ଦେଇ ନେତୃତ୍ୱ ବିକାଶ ଓ ଡିଜିଟାଲ ଦକ୍ଷତା ଆଜିର ସମୟ ପାଇଁ ଏକ ବଡ ଆହ୍ୱାନ, ଏହାହିଁ ପ୍ରଶିକ୍ଷଣ ଶିବିରର ମୁଖ୍ୟ ଉଦ୍ଦେଶ୍ୟ । ଏଥିରୁ ପ୍ରାପ୍ତ ଜ୍ଞାନ କୌଶଳକୁ ବିଦ୍ୟାଳୟ ଶ୍ରେଣୀ ଗୃହରେ ପ୍ରୟୋଗ କରି ଛାତ୍ରୀଛାତ୍ରଙ୍କ ବିକାଶରେ ବିନିଯୋଗ କରିପାରିଲେ ଏହାର ପ୍ରକୃତ ସଫଳତା ମିଳିପାରିବା ସହ ଆମର ଲକ୍ଷ୍ୟ ସାଧିତ ହେବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମକୁ ପାଣିକୋଇଲି ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରତାପ କୁମାର ପହି ପରିଚାଳନା କରିଥିବା ବେଳେ ସମସ୍ତଙ୍କୁ ପ୍ରଶିକ୍ଷଣ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକ।

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧ ନଭେମ୍ବର, ୨୦୨୨



## ସଂକ୍ଷେପରେ

### ରେଳଧାରଣାରୁ ମହିଳାଙ୍କ ମୃତଦେହ ଜବତ

**ବ୍ରହ୍ମପୁର ଅଫିସ,୩୧।୧୦:** ସରକାରୀ ରେଳବାଇ ପୋଲିସ (ଜିଆର୍‌ପି) ସୋମବାର ଗୋଷାଣୀ ନୂଆଗାଁ ଶିଶୁମନ୍ଦିର ନିକଟ ଦେଇ ଯାଇଥିବା ରେଳଧାରଣାରୁ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୩୫ବର୍ଷ ହେବ ବୋଲି ପୋଲିସ କହିଛି। ମୃତଦେହ ଜବତ କରି ନଂ.୯୨/୨୨ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତକଙ୍କ ପରିଚୟ ସ୍ପଷ୍ଟ ପାଇଁ ଏମ୍‌କେସିଜିର ମୃତଦେହ ସଂରକ୍ଷଣ କକ୍ଷରେ ରଖାଯାଇଛି। ମହିଳା ଜଣଙ୍କ କୌଣସି ଏକ ଘରୋଇ ଅଶାନ୍ତିକୁ କେନ୍ଦ୍ରକରି ଏଭଳି ଭାବେ ଟ୍ରେନ ଆଗକୁ ଆସି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ସନ୍ଦେହ କରୁଛି। ଅପରାହ୍ନରେ ବ୍ରହ୍ମପୁରରୁ ଭୁବନେଶ୍ୱର ପଟକୁ ଯାଉଥିବା ଏକ ଗୁଡ୍‌ସ୍‌ଟ୍ରେନ ଆଗକୁ ଡେଇଁ ଜଣେ ମହିଳା ଆତ୍ମହତ୍ୟା କରିଥିବା ନେଇ ଉକ୍ତ ଟ୍ରେନ୍ ଚାଳକ ବ୍ରହ୍ମପୁର ରେଳଷ୍ଟେଶନ ମାଷ୍ଟରଙ୍କୁ ଖବର କରିଥିଲେ। ପରେ ଷ୍ଟେଶନ ମାଷ୍ଟର ଏନେଇ ଜିଆରପି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା।

### ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ଜୟନ୍ତୀ ପାଳିତ

**ବ୍ରହ୍ମପୁର ଅଫିସ,୩୧।୧୦:** ସର୍ଦ୍ଦାର ବଲ୍ଲଭଭାଇ ପଟେଲ ବହୁମୁଖୀ ସଂଘ ପକ୍ଷରୁ ସୋମବାର ଏନ୍‌ଜିଓ ହଲ୍ ପରିସରରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସଂଘ ସଭାପତି ରାମ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସୁବାସ ସାହୁ, ମୁଖ୍ୟ ବକ୍ତା ପ୍ରହ୍ଲାଦ ପାଣିଗ୍ରାହୀ, ସମ୍ମାନିତ ଅତିଥି କର୍ପୋରେଟର ନୀଳକଣ୍ଠ ସାହୁ, ସମାଜିକକର୍ମୀ ଗଙ୍ଗାଧର ଶତପଥୀ ଓ ଅଶୋକ ନିମେଇ ଯୋଗ ଦେଇଥିଲେ। ଅତିଥିମାନେ ସର୍ଦ୍ଦାର ବଲ୍ଲଭ ଭାଇଙ୍କ ସ୍ମୃତି ଚାରଣ କରିବା ସହ ରାଜନୀତି ଶିଖିବାର ଅଛି ତ ପଟେଲଙ୍କ ଜୀବନୀ ପଢ଼ିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ନେତା କେ.ରବି ରାଓଙ୍କ ସମେତ ରାଜକିଶୋର ପାତ୍ର, ହିମାଂଶୁ ପାଢ଼ୀ, ଗୌରୀ ମହାନ୍ତି, ଭଗବାନ ଭୂୟାଁ, ଉଦୟନାଥ ବେହେରା ଓ ପ୍ରଫୁଲ୍ଲ ସାହୁ ଉପସ୍ଥିତ ଥିଲେ।

### ନେହେରୁ ଯୁବକେନ୍ଦ୍ର ପକ୍ଷରୁ ରନ୍ ଫର୍ ୟୁନିଟ୍

**ବ୍ରହ୍ମପୁର ଅଫିସ,୩୧।୧୦:** ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପୁଣ୍ୟ ଜୟନ୍ତୀ ଅବସରରେ ନେହେରୁ ଯୁବକେନ୍ଦ୍ର ତରଫରୁ ସୋମବାର ରନ୍ ଫର୍ ୟୁନିଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ୨୭ ନମ୍ବର ୱାର୍ଡ କର୍ପୋରେଟର ନୀଳକଣ୍ଠ ସାହୁ ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ବୀରତ୍ୱର ଗାଥା ଏବଂ ଦେଶ ଗଠନରେ ତାଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ଜାତୀୟ ଏକତା ଦିବସ ଉପଲକ୍ଷେ ଦେଶବାସୀଙ୍କ ମଧ୍ୟରେ ଏକତା ଓ ଅଖଣ୍ଡତା ବଜାୟ ରଖିବା ପାଇଁ ସମସ୍ତେ ଶପଥ ପାଠ କରିଥିଲେ। ଯୁବ ସ୍ୱେଚ୍ଛାସେବୀ ବିନୋଦ କୁମାର ସାବତଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଣବ ପ୍ରକାଶ ପଣ୍ଡା, ସୁମନ ମହାରଣା, ଅମନ ପାତ୍ର, ମହେଶ ସାହୁ, ଅସିତ କୁମାର ଶତପଥୀ ଓ ଦିନେଶ ରାଜଙ୍କ ସମେତ ଯୁବକେନ୍ଦ୍ରର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ଦୁର୍ନୀତି ନିବାରଣ ସପ୍ତାହ ପାଳନ

#### ଏମ୍‌କେସିଜିରେ ଶପଥ ପାଠ

**ବ୍ରହ୍ମପୁର ଅଫିସ,୩୧।୧୦:** ସୋମବାର ଠାରୁ ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଆରମ୍ଭ ହୋଇଯାଇଛି। ସୋମବାର ଅନ୍‌ଲାଇନ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସମସ୍ତ ସରକାରୀ ଅଧିକାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀ ଦୁର୍ନୀତିମୁକ୍ତ ସମାଜ ଗଠନ ଦିଗରେ ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଉପଅଧୀକ୍ଷକ ଡା. କିରଣ କୁମାର ପଟ୍ଟନାୟକଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦୁର୍ନୀତି ମୂଳୋତ୍ପାଟନ ପାଇଁ ଶପଥପାଠ

**ଯାଜପୁର ଅଫିସ,୩୧।୧୦**



ଜିଲା କାର୍ଯ୍ୟାଳୟରେ ଆୟୋଜିତ ସଭାରେ ପ୍ରଶାସନିକ ଅଧିକାରୀମାନେ ଶପଥ ପାଠ କରୁଛନ୍ତି।

ସାରା ରାଜ୍ୟରେ ଅକ୍ଟୋବର ୩୧ଠାରୁ ନଭେମ୍ବର ୬ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ଉପଲକ୍ଷେ ଜିଲା କାର୍ଯ୍ୟାଳୟର ଓସ୍ୱାନ କକ୍ଷରେ ଏକ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସାରା ରାଜ୍ୟରେ ଏକ ସମୟରେ ଜିଲାର ସଦର ମହକୁମା ଏବଂ ସମସ୍ତ ସରକାରୀ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି କାର୍ଯ୍ୟକ୍ରମ ଜରିଆରେ ପୂର୍ବାହ୍ନ ୧୧ ଟାରେ ସମସ୍ତଙ୍କୁ ଦୁର୍ନୀତି ନିବାରଣ ଶପଥପାଠ କରାଇଛନ୍ତି। ଜୀବନର ପ୍ରତ୍ୟେକ ସ୍ତରରୁ ଦୁର୍ନୀତି ମୂଳୋତ୍ପାଟନ କରିବା ସହ ଦେଶବାସୀଙ୍କୁ ମୂଲ୍ୟବୋଧ ଭିତ୍ତିକ ସେବା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଏସ୍‌ପି ରାହୁଲ ପି.ଆର., ଭିଜିଲାନ୍ସ ଡିଏସ୍‌ପି ସୁଶିଲ ଏକ୍କା, ଉପଜିଲାପାଳ ଗୋପୀନାଥ କୁଅଁର, ଡେପୁଟି କଲେକ୍ଟର କାଜଲ ପ୍ରଧାନ, ଏନ୍‌ଆଇସି ଅଧିକାରୀ ସୁଧାଂଶୁ ମୋହନ ଶତପଥୀ, ସ୍ୱଳ୍ପ ସଞ୍ଚୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ, ଅଲେଖ ମହାରଣା ପ୍ରମୁଖ ଶପଥ ପାଠ କରିଥିଲେ। ସେହିପରି ରସୁଲପୁର ବ୍ଲକ ଓସ୍ୱାନ କକ୍ଷରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ଏସ୍‌ଡିପିଓ ସଞ୍ଜୀୟ କୁମାର ପଟ୍ଟନାୟକ, ରସୁଲପୁର ତହସିଲଦାର ଓ ବିଡିଓଙ୍କ ସମେତ ଜିଲା ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀମାନେ ଶପଥପାଠ କରିଥିଲେ।

# ଅସହାୟ ଶୁଭସ୍ମିତାଙ୍କୁ ସରକାରୀ ଯୋଜନା ଅପହଞ୍ଚ

**କାଏମା,୩୧।୧୦(ଡି.ଏନ.ଏ.)**



ପରିବାର ସହ ଶୁଭସ୍ମିତା।

ସରକାରଙ୍କ ଅନେକ ଲୋକହିତକର ଯୋଜନା ମଧ୍ୟରୁ ଖାଦ୍ୟ ସୁରକ୍ଷା ଯୋଜନା, ବିଧବା ଓ ଭିନ୍ନକ୍ଷମ ଭତ୍ତା ଅନ୍ୟତମ। ହେଲେ ଏହି ଯୋଜନାରୁ ଏବେବି ଶତାଧିକ ଅସହାୟ ଯୋଗ୍ୟ ହିତାଧିକାରୀ ବଞ୍ଚିତ ରହିଛନ୍ତି। ଧର୍ମଶାଳା ବ୍ଲକ ବଡ଼ କାଏମା ପଞ୍ଚାୟତର କାଏମା (ମହଲା ସାହି) ଗ୍ରାମରେ ଥିବା ଶୁଭସ୍ମିତା ସାହୁଙ୍କ ପରିବାରକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଶୁଭସ୍ମିତାଙ୍କ ସ୍ୱାମୀ ତପନ କୁମାର ସାହୁଙ୍କ ୨ ବର୍ଷ ତଳେ ଯାଜପୁର ରୋଡ୍‌ରେ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ପୁଅ ପୀୟୂଷ (୫ ବର୍ଷ) ଓ ଦିବ୍ୟାଙ୍ଗ ଝିଅ ତନୁଶ୍ରୀ (୨ ବର୍ଷ)ଙ୍କୁ ନେଇ ଶୁଭସ୍ମିତା ଏବେ ବହୁ କଷ୍ଟରେ ରହୁଛନ୍ତି। ଶୁଭସ୍ମିତାଙ୍କୁ ରାଶନ କାର୍ଡଟିଏ ମିଳି ପାରିନାହିଁ। ତପନଙ୍କ ମୃତ୍ୟୁର ୪ ମାସ ପରେ ଜନ୍ମ ହୋଇଥିଲା ଶିଶୁ କନ୍ୟା। କିନ୍ତୁ ଭାଗ୍ୟର ବିଡମ୍ବନା ଯେ, ଶିଶୁ କନ୍ୟା ତନୁଶ୍ରୀ ଜନ୍ମରୁ ଦୃଷ୍ଟିହୀନା। ଏହା ଶୁଭସ୍ମିତାଙ୍କ ଜୀବନରେ ଆଉ ଏକ ଦୁଃଖର ପାହାଡ଼ ଭାବେ ଲଦି ହୋଇଥିଲା। ଧାର ଉଧାର କରି ତନୁଶ୍ରୀଙ୍କ ଚିକିତ୍ସା ପାଇଁ ଖର୍ଚ୍ଚ କରିଥିଲେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ। ତନୁଶ୍ରୀଙ୍କୁ ଏକ ଦିବ୍ୟାଙ୍ଗ ପରିଚୟପତ୍ର ମିଳିଛି। କିନ୍ତୁ ଆଜିଯାଏଁ ଭିନ୍ନକ୍ଷମ ଭତ୍ତା ମିଳିପାରିନାହିଁ। ଏନେଇ ଶୁଭସ୍ମିତା ପ୍ରଶାସନକୁ ଅନେକ ଥର ଗୁହାରି କରିବା ସତ୍ତ୍ୱେ ବି ଦୁଃଖ ବୁଝିବାକୁ କେହି ନାହାନ୍ତି।

# ସ୍ୱଳ୍ପ ସଞ୍ଚୟ ରଥ ଉଦ୍‌ଘାଟିତ



ସ୍ୱଳ୍ପ ସଞ୍ଚୟ ରଥକୁ ଉପଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

**ଯାଜପୁର ଅଫିସ,୩୧।୧୦**

ଯାଜପୁର ଜିଲା ପ୍ରଶାସନର ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ରବିବାର ଏକ ସଞ୍ଚୟ ରଥ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଉଦ୍‌ଘାଟିତ ହୋଇଥିଲା। ସ୍ୱଳ୍ପ ସଞ୍ଚୟ ପକ୍ଷ ପାଳନ ଅବସରରେ ଏହି ରଥକୁ ଉପଜିଲାପାଳ ଗୋପୀନାଥ କୁଅଁର ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଛୋଟ ଅବସ୍ଥାରୁ ପ୍ରତ୍ୟେକ ବ୍ୟକ୍ତି ସଞ୍ଚୟ ପ୍ରତି ଆନ୍ତରିକତା ଦେଖାଇବା ଏବଂ ସଞ୍ଚୟର ଉପକାରିତା ଓ ଉପଯୋଗିତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ରଥର ମୂଳ ଲକ୍ଷ୍ୟ ବୋଲି କୁଅଁର ସୂଚନା ଦେଇଥିଲେ। ଏହି ରଥ ପ୍ରତ୍ୟେକ ବ୍ଲକ ପରିକ୍ରମା କରି ସଚେତନତା ସୃଷ୍ଟି କରିବ ବୋଲି ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଭାଷ ସାମଲ, କର୍ମଚାରୀ ଶୁଭସ୍ମିତ ସାହୁ, ବିଷ୍ଣୁଚରଣ ଦାସ ପ୍ରମୁଖ ଯୋଗଦେଇ ସ୍ୱଳ୍ପ ସଞ୍ଚୟର ଲକ୍ଷ୍ୟ ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ।

# ୮୫୦ ଲିଟର ଅପମିଶ୍ରିତ ଡିଜେଲ ଜବତ, ଜଣେ ଗିରଫ

**ଚଣ୍ଡିଖୋଲ/ଛତିଆ, ୩୧।୧୦ (ଡି.ଏନ.ଏ.)**

ବଡ଼ଚଣା ବ୍ଲକ ବୈରୀ ଥାନା ଅନ୍ତର୍ଗତ ବୁଢାକେନ୍ଦୁଆଠାରୁ ରବିବାର ପୋଲିସ ବିପୁଳ ପରିମାଣର ନକଲି ଡ଼ିଜେଲ ଜବତ କରିଛି। ଏହି ଘଟଣାରେ ପୋଲିସ ଏକ ମାମଲା(ନଂ.୧୮୭/୨୨) ରୁଜୁ କରି ତଦନ୍ତ ଚଳାଇଛି । ଅପମିଶ୍ରିତ ଡ଼ିଜେଲ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ଗିରଫ କରାଯାଇଛି । ସେ ହେଲେ ବୈରୀ ଥାନା ଅନ୍ତର୍ଗତ ସମୀଆ ପଞ୍ଚାୟତ ବରଗଡ଼ ଗ୍ରାମର ଖୁମର ଖଟୁଆ (୪୬) । ଦୀର୍ଘ ଦିନ ସେ ବୁଢାକେନ୍ଦୁଆ ବଜାରରେ ଅପମିଶ୍ରିତ ପେଟ୍ରୋଲ ଓ ଡ଼ିଜେଲ ବ୍ୟବସାୟ କରି ଆସୁଥିଲା। ବୈରୀ ପୋଲିସ କୌଣସି ସୂତ୍ରରୁ ଖବର ପାଇ ରବିବାର ତାଙ୍କ ଦୋକାନ ଉପରେ ଚଢାଉ କରିଥିଲା। ଚଢାଉ ସମୟରେ ବିଭିନ୍ନ ବ୍ୟାରେଲରେ ଗଚ୍ଛିତ ହୋଇ ଥିବା ୮୫୦ଲିଟରର ଡ଼ିଜେଲକୁ ଜବତ କରିଥିବା ବେଳେ ଅପମିଶ୍ରିତ ପେଟ୍ରୋଲର ସନ୍ଧାନ ପାଇ ନ ଥିଲା। ବୁଢାକେନ୍ଦୁଆ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଏଠାରେ ଅପମିଶ୍ରଣକାରୀମାନେ ବାରମ୍ବାର ଏଭଳି କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ସୂଚନା ଯୋଗ୍ୟ, ଗତ କିଛିମାସ ତଳେ ଯାଜପୁର ଏସ୍‌ପିଙ୍କ ସ୍ୱତନ୍ତ୍ର ସ୍କ୍ୱାର୍ଡ଼ ବୁଢାକେନ୍ଦୁଆଠାରେ ଚଢାଉ କରି ବିପୁଳ ପରିମାଣର ଅପମିଶ୍ରିତ ଡ଼ିଜେଲ ଜବତ କରିଥିଲା। ଏହା ସହିତ ଏଠାରେ ବେପାର କରୁଥିବା ଅପମିଶ୍ରଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ବିଭିନ୍ନ ସ୍ଥାନରେ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ

**ଧର୍ମଶାଳା,୩୧।୧୦(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଇନ୍ଦିରା ଗାନ୍ଧିଙ୍କ ତିରୋଧାନ ଓ ସର୍ଦ୍ଦାର ବଲ୍ଲବ ଭାଇ ପଟେଲଙ୍କ ଜୟନ୍ତୀ ସୋମବାର ଜାରକାସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ କିଶାନ ପଣ୍ଡା,କୃଷକ ନେତା ବସନ୍ତ ପରିଡ଼ା, ନରୋତ୍ତମ ନାୟକ, ନକୁଳ ଜେନା, ଅମରେନ୍ଦ୍ର ସାମଲ, କାର୍ତ୍ତିକ ସାହୁ, ଦେବାଶିଷ ପରିଡ଼ା, ସରୋଜ କୁମାର ତରାଇ, ବିନୋଦ ମଲିକ,ବିରଞ୍ଚି ନାରାୟଣ ରାଉତ,ବାବାଜୀ ରାଉତ, ବାବାଜୀ ପଣ୍ଡା, ଅଭିମନ୍ୟୁ ନାୟକ, ଦୀପକ ବଳ,ସାଗର ପାଳ, ପ୍ରମୋଦ ଜେନା ପ୍ରମୁଖ ଯୋଗଦେଇ ଇନ୍ଦିରା ଓ ପଟେଲଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ।

**ବାଲିଚନ୍ଦ୍ରପୁର/ଚଣ୍ଡୀଖୋଲ,(ସ୍ୱ.ପ୍ର./ ଡି.ଏନ୍.ଏ.):** ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ସୋମବାର ବଡ଼ଚଣା କଂଗ୍ରେସ ପକ୍ଷରୁ ବାଲିଚନ୍ଦ୍ରପୁରଠାରେ ପାଳିତ ହୋଇଯାଇଛି। କଂଗ୍ରେସ ନେତା ଅଜୟ କୁମାର ସାମଲ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଇନ୍ଦିରାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଏହି ମହାନ ନେତ୍ରୀଙ୍କ ଗୁଣଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଚନ୍ଦ୍ରପୁର ପଞ୍ଚାୟତ କଂଗ୍ରେସ କମିଟି ସଭାପତି ରବୀନ୍ଦ୍ର କୁମାର ରାଉତରାୟ, ଯାଜପୁର ଜିଲା ଯୁବ କଂଗ୍ରେସ ପ୍ରାକ୍ତନ ସଭାପତି ବିଶ୍ୱ ପ୍ରକାଶ ସାମଲ, ବଡ଼ଚଣା ଯୁବକଂଗ୍ରେସ ସଭାପତି ସଞ୍ଜୟ କୁମାର କର, ପ୍ରାକ୍ତନ ସରପଞ୍ଚ ସେକ୍ ରିଆସତ ଅଲ୍ଲି, ବିକାଶ ଚନ୍ଦ୍ର ବାରିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହିପରି ପଲାଇ ପଞ୍ଚାୟତର କେଶରାଇପୁରଠାରେ ପ୍ରାକ୍ତନ ସମିତି ସଭ୍ୟ ସଞ୍ଜୁ ଦେହୁରୀଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଫୁଲ୍ଲ କୁମାର ପଣ୍ଡା, ଶ୍ୟାମସୁନ୍ଦର ଦେହୁରୀ, ଶଙ୍କର ଦେହୁରୀ, ଅର୍ଜ୍ଜୁନ କୁମାର ଦେହୁରୀ, ବାବୁଲି ଦେହୁରୀ ପ୍ରମୁଖ ଯୋଗଦେଇଥିଲେ।

**ସିଂହପୁର,(ଡି.ଏନ.ଏ.):** ବିଂଝାରପୁର ବ୍ଲକ ସିଂହପୁର ନାଉବାଙ୍କ ଛକରେ ଥିବା ଇନ୍ଦରାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ତାଙ୍କ ତିରୋଧାନ ଦିବସ କଂଗ୍ରେସ ପକ୍ଷରୁ ପାଳିତ ହୋଇଯାଇଛି। ଚନ୍ଦ୍ର ଶେଖର ଧଳ, ନିମାଇଁ ଚରଣ ସାମଲ, କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକ, ସୁଦାମ ଚରଣ ସାମଲଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦକର ପଲେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନରହରି ମଲ୍ଲିକ, ଗୋବିନ୍ଦ ଚନ୍ଦ୍ର ପରିଡ଼ା, ବିଜନ ଦାସ, ପ୍ରଫୁଲ ଦାସ, ପ୍ରମୋଦ ସାମଲ, ଅଶ୍ୱିନୀ ସାମଲ, ଧନେଶ୍ୱର ଜେନା, ଧନେଶ୍ୱର ସାମଲ, ବିପିନ ସାମଲ, ନକୁଳ ମହାଲିକ, ପ୍ରଦ୍ୟୁମ୍ନ ସାମଲ ପ୍ରମୁଖ ଯୋଗ ଦେଇ ଇନ୍ଦିରା ଗାନ୍ଧୀଙ୍କ କାର୍ଯ୍ୟଦକ୍ଷତା ଉପରେ ବକ୍ତବ୍ୟ ରଖିଥିଲେ।



ସିଂହପୁରଠାରେ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ କଂଗ୍ରେସ କର୍ମୀମାନେ ମାଲ୍ୟାର୍ପଣ କରୁଛନ୍ତି।

# ରାତି ପାହିଲେ ଆରମ୍ଭ ହେବ କଇଁଛ ପ୍ରଜନନ ଋତୁ

**ରାଜନଗର,୩୧।୧୦(ଡି.ଏନ.ଏ.)**

ଅଲିଭରିଡଲେ କଇଁଛମାନଙ୍କ ତୀର୍ଥସ୍ଥଳୀ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ପ୍ରଜନନ ପ୍ରକ୍ରିୟା ଆରମ୍ଭ ହେବ। ଦୀର୍ଘ ୭ ମାସ ଧରି କଟକଣା ଲାଗୁ ରହିବ। ବାବୁବାଲି ଦ୍ୱୀପ ଏବଂ ମାଦଳି ମୁହାଣଠାରେ ୨ଟି ଅଫିସର କ୍ୟାମ୍ପ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କ୍ୟାମ୍ପରେ ୨୦ଜଣ ବନ କର୍ମଚାରୀ ସଜାଗ ରହିବେ। ଏହାଛଡା ହବାଲିଖଟି, ସାତଭାୟା, ଦୋବନ୍ଧି, ନାସୀ ୧, ନାସୀ ୨, ଚିଂଚିରି, ମାଦଳି ଆଦି ୧୪ଟି ସ୍ଥାନରେ ପ୍ରୋଟେକ୍ସନ କ୍ୟାମ୍ପରେ ୨୮ଜଣ ବନ କର୍ମଚାରୀ ସାମିଲ ହେବେ। ବନ କର୍ମଚାରୀଙ୍କ ସହିତ ଏପିଆର ଫୋର୍ସ ପାଟ୍ରୋଲିଂରେ ଯିବେ। ନଭେମ୍ବରରୁ ମେ ମାସ ଯାଏଁ ଏପିଆର ଫୋର୍ସ ବାବୁବାଲିଠାରେ ରହିବେ। ଟ୍ରଲର, ମାଦଳି ଓ କାଳିଭଞ୍ଜଡିଆରେ ଦୁଇଟି ଭଡାରେ ଆସିଥିବା ଟ୍ରଲର ପାଟ୍ରୋଲିଂରେ ସାମିଲ ହେବ ବୋଲି ଜଣାପଡିଛି।

# କଣ୍ଟିପୁର ଗ୍ରାମରେ ସଂକୀର୍ତ୍ତନ ପ୍ରତିଯୋଗିତା

**ପ୍ରୀତିପୁର,୩୧।୧୦(ଡି.ଏନ.ଏ.)**



ସଂକୀର୍ତ୍ତନ ପ୍ରତିଯୋଗିତାରେ ଯୋଗ ଦେଇଥିବା ଅତିଥି।

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ୍ କଣ୍ଟିପୁର ଗ୍ରାମରେ ୨ଦିନ ଧରି ସଂକୀର୍ତ୍ତନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମା'କାଳୀ ପୂଜା ଅବସରରେ ଇନ୍ଦ୍ରମଣି ସାମଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ୧୮ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାରେ ପ୍ରଥମ,ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଗ୍ରହଣ କରିଥିବା ସଂକୀର୍ତ୍ତନ ଦଳଙ୍କୁ ପୁରସ୍କୃତ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସିନେ ଅଭିନେତା ତଥା ନିର୍ଦ୍ଦେଶକ ଅଶ୍ରୁମୋଚନ ମହାନ୍ତି ଏବଂ ମୁଖ୍ୟବକ୍ତା ଭାବେ ବିଞ୍ଝାରପୁର ଥାନା ଅଧିକାରୀ ରଞ୍ଜିତ ମହାନ୍ତି ଯୋଗ ଦେଇଥିଲେ । ଆମନ୍ତ୍ରିତ ଅତିଥିମାନେ କଣ୍ଟି ଗ୍ରାମରେ ପୁରାତନ ସଂସ୍କୃତିକୁ ବଜାଇ ରଖିବା ପାଇଁ କରାଯାଇଥିବା ପ୍ରୟାସକୁ ପ୍ରଶଂସା କରିଥିଲେ । ଏହି ଅବସରରେ ଉଭୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ସରପଞ୍ଚ ଅଟଳ ବିହାରୀ ନାୟକ ମଞ୍ଚ ପରିଚାଳନା କରିଥିଲେ ।

# ନୂଆ ଅତିରିକ୍ତ ଜିଲାପାଳଙ୍କ ଯୋଗଦାନ



କାର୍ଯ୍ୟରେ ଯୋଗଦେଇଥିବା ଅତିରିକ୍ତ ଜିଲାପାଳଙ୍କୁ ବିଭାଗୀୟ ଅଧିକାରୀ ସ୍ୱାଗତ କରୁଛନ୍ତି।

**ଯାଜପୁର ଅଫିସ,୩୧।୧୦**

ଯାଜପୁରର ଅତିରିକ୍ତ ଜିଲାପାଳ ଭାବେ ସୋମବାର ଦୁଃଖବନ୍ଧୁ ନାୟକ ଯୋଗଦେଇଛନ୍ତି। ସେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପରେ ଅତିରିକ୍ତ ଜିଲାପାଳ ନାୟକ ରସୁଲପୁର ବ୍ଲକ ଗସ୍ତ କରି ସେଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଦୁର୍ନୀତି ନିବାରଣ ସଚେତନତା ଶପଥପାଠରେ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବରୁ କନ୍ଧମାଳ ଜିଲାର ବାଲିଗୁଡା ଉପଖଣ୍ଡରେ ନାୟକ ଉପଜିଲାପାଳ ଭାବେ କାର୍ଯ୍ୟରତ ଥିଲେ। ନାୟକଙ୍କୁ ଜିଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ସ୍ୱାଗତ କରିଥିଲେ।

# ଆଧାରକାର୍ଡ ନ ଥିବାରୁ ସରକାରୀ ସୁବିଧାରୁ ବଞ୍ଚିତ ଆମେରା

**ଆଳି,୩୧।୧୦(ଡି.ଏନ.ଏ.)**

ପ୍ରତ୍ୟେକ କାର୍ଯ୍ୟରେ ଏବେ ଆଧାର କାର୍ଡ ଜରୁରୀ ହୋଇପଡ଼ିଥିବା ବେଳେ ଆଧାର କାର୍ଡଟିଏ ନ ଥିବାରୁ ସରକାରୀ ସୁବିଧାରୁ ବଞ୍ଚିତ ହୋଇଛନ୍ତି ଜଣେ ମହିଳା। ମହିଳା ଜଣକ ଏବେ ମସ୍ତିଷ୍କ ଜନିତ ରୋଗରେ ରୋଗାକ୍ରାନ୍ତ ଥିବା ବେଳେ ସ୍ୱାସ୍ଥ୍ୟକାର୍ଡ ନ ଥିବାରୁ ଚିକିତ୍ସା ନିମନ୍ତେ ଆର୍ଥିକ ସମସ୍ୟା ଦେଖାଦେଇଛି। ଏଭଳି ଜଣେ ମହିଳା ହେଉଛନ୍ତି ଆଳି ବ୍ଲକ ମେଣ୍ଢପୁର ପଞ୍ଚାୟତ ପଦନପୁର ଗାଁର ଅବଦୁଲ କୁଦୁସଙ୍କ ୩୨ ବର୍ଷୀୟ ଝିଅ ଆମେରା ଫିଦୋଷ। ୨୪ ବର୍ଷ ବୟସରେ ଆମେରାଙ୍କ ସାଲେପୁର ରାଇଶୁଙ୍ଗୁଡା ଗାଁର ସୟଦ ଅରିଫଙ୍କ ସହ ବିବାହ ହୋଇଥିଲା। ବିବାହର ୪ବର୍ଷ ପରେ ହଠାତ ଆମେରା ପାରାଲିସିସ ରୋଗରେ ଆକ୍ରାନ୍ତ ହୋଇଥିଲେ। ପରିବାର ଲୋକ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲ ନେଇ ଚିକିତ୍ସା କରାଇଥିଲେ। ସେଠାରେ ତାଙ୍କର ବ୍ରେନ ଅପରେଶନ ହୋଇଥିଲା। ଆମେରାଙ୍କ ସ୍ୱାସ୍ଥ୍ୟ କାର୍ଡ ନ ଥିବାରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଚିକିତ୍ସିତ ହୋଇ ଫେରିଥିଲେ। ଆମେରାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ନ ଥିବାରୁ ସେ ଏବେ ବାପଘର ଆଳି ପଦନପୁର ଗ୍ରାମରେ ରହୁଛନ୍ତି। ଏବେ ତାଙ୍କର ଦ୍ୱିତୀୟ ଅପରେଶନ ନିମନ୍ତେ ଡାକ୍ତର କହିବାରୁ ପାଖରେ ସମ୍ବଳ ନାହିଁ। ଏଥିନିମନ୍ତେ ସେ ସୋମବାର ମେଣ୍ଢପୁର ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ପଲ୍ଲୀରେ ପ୍ରଶାସନ ଶିବିରକୁ ଆସି ଆଧାରକାର୍ଡ ନ ଥିବାରୁ ସେମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ନେଇ ଅଭିଯୋଗ କରିଥିଲେ। ଆମେରାଙ୍କ ଆଧାର କାର୍ଡ ନ ଥିବାରୁ ତାଙ୍କର ରାଶନ କାର୍ଡ ହୋଇନାହିଁ। ରାଶନ କାର୍ଡ ଥିଲେ ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳୁଥିବା ଚିକିତ୍ସା ସୁବିଧା ପାଇଥାନ୍ତେ। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପ୍ରଥମ ଥର ବ୍ରେନ ଅପରେଶନ ହୋଇଥିବା ବେଳେ ଦ୍ୱିତୀୟ ଥର ଅପରେଶନ ନିମନ୍ତେ ସେ ସରକାରୀ ସହାୟତା ଲୋଡିଛନ୍ତି। ସରକାରୀ ସ୍ତରରେ ତାଙ୍କର ଆଧାରକାର୍ଡ କରିବା ସହ ରାଶନ ଓ ସ୍ୱାସ୍ଥ୍ୟକାର୍ଡ ଖୁବ୍‌ଶୀଘ୍ର ଯୋଗାଇ ଦେବାକୁ ସେ ବିଡିଓଙ୍କ ନିକଟରେ ଗୁହାରି କରିଥିଲେ। ବିଡିଓ ଦ୍ୱିବେନ୍ଦୁ ଦାସ ଏ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ଯାହା କିଛି ସମ୍ଭବ ତାହା କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି।



ଅଭିଯୋଗ କରିବାକୁ ଆମେରାଙ୍କୁ ବାପା ଅବଦୁଲ ଟେକିକି ଆଣୁଛନ୍ତି।

# ମୟୂରଝାଲିଆ ବେଆଇନ ଖଣି ଖନନର ତଦନ୍ତ


ରଣପୁର ତହସିଲ ମୟୂରଝାଲିଆ ଅଞ୍ଚଳରୁ ଖୋଳା ଯାଇଥିବା ଖଣିକୁ ପ୍ରଶାସନିକ ଅଧିକାରୀ ଯାଞ୍ଚ କରୁଛନ୍ତି।


କାଜୁ ଜଙ୍ଗଲରେ ଖୋଳା ଯାଇଥିବା ମାଙ୍କଡା ପଥର ଓ ମୋରମ ଖଣି।

■ ଅସନ୍ତୋଷ ବ୍ୟକ୍ତ କଲେ ତଦନ୍ତକାରୀ ଅଧିକାରୀ
■ ପ୍ରଶାସନର ଭୟ ବାରି ହୋଇପଡ଼ିଲା
■ ଗଣମାଧମକୁ ଫଟୋ ଉତ୍ତୋଳନ ପାଇଁ ଛାଡ଼ିଲେନି
■ ଖଣି ମାଫିଆଙ୍କୁ ସୁରକ୍ଷା ଦେଇ ଅଡୁଆରେ ପଡ଼ି ପାରେ ପ୍ରଶାସନ

ନୟାଗଡ଼ ଅଫିସ/ରଣପୁର, ୩୧।୧୦ (ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ତହସିଲର ମୟୂରଝାଲିଆ ଅଞ୍ଚଳରେ ଚାଲିଥିବା ବେଆଇନ ଖଣି ଖନନକୁ ରୋକିବାରେ ପ୍ରଶାସନ ବ୍ୟର୍ଥ ହେବା ପରେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଇଷ୍ଟର୍ଣ୍ଣ ଜୋନ କୋଲକତାଙ୍କ ନିର୍ଦ୍ଦେଶରେ ଓସକାର, ଜିଓଲୋଜି, ପକ୍ଷରୁ ୨ ଦିନିଆ ତଦନ୍ତ ଆରମ୍ଭ ହୋଇଛି। ସୋମବାର ଆରମ୍ଭ ହୋଇଥିବା ତଦନ୍ତରେ ଓସକାର ମେଜରମେଣ୍ଟର ୨ଜଣ, ଜିଓଲୋଜି ଡାଇରେକ୍ଟର, ଆରକେପିର ୩ ଜଣ ଏପରି ମୋଟରେ ୬ ଜଣିଆ ଅଧିକାରୀ ରଣପୁର ତହସିଲଦାର, ଆର୍‌ଆଇ ସୁପରଭାଇଜରଙ୍କ ସହଯୋଗରେ ତଦନ୍ତ ଓ ମାପ କରିଛନ୍ତି। ପୁଣି ମଙ୍ଗଳବାର ତଦନ୍ତ ଓ ମାପ ହେବ। ତେବେ ତଦନ୍ତରେ ପ୍ରଶାସନର ଅସହଯୋଗକୁ ନେଇ ଏନ୍‌ଜିଟି ପକ୍ଷରୁ ନିୟୋଜିତ ଟିମ୍ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷେ ବେଆଇନ ଖଣି ଖନନ ସ୍ଥାନକୁ ଗଣମାଧମର ପ୍ରତିନିଧିଙ୍କୁ ଯିବାକୁ ଦିଆଯାଇନାହିଁ। ଖଣି ମାଫିଆଙ୍କ ଏକ ର୍‍ୟାକେଟ ତଦନ୍ତକୁ ବାଟବଣା କରିବାକୁ ଉଦ୍ୟମ କରିଥିବା ଦେଖାଯାଇଥିଲା। ଯେଉଁମାନେ କି ତଦନ୍ତ ସ୍ଥାନକୁ କାହାରିକୁ ଛାଡିବାକୁ ସୁଯୋଗ ଦେଇନାହାନ୍ତି।

ମୟୂରଝାଲିଆର ପ୍ଲଟ ନଂ. ୧୬୮୯, ଖାତା ନଂ. ୪୯୫ରେ ୧୪୪.୦୯ ଏକର ଗ୍ରାମ୍ୟ ଜଙ୍ଗଲ ପାଇଁ ସଂରକ୍ଷିତ ଅଛି। ଏହି ଜମିର କିଛି ଅଂଶରେ କାଜୁ ଜଙ୍ଗଲ ଥିଲା। କାଜୁ କର୍ପୋରେଶନ ଏହାକୁ ନିଲାମ ଦେଉଥିଲା। ତେବେ କାଜୁ ଜଙ୍ଗଲରେ ମୋରମ ଓ ମାଙ୍କଡା ଖଣି ହେବାରୁ ଏଥିରୁ ୪ଏକର ମାତ୍ର ନିଲାମ ହୋଇଛି। ୨୦୨୦-୨୧ ଆର୍ଥିକ ବର୍ଷରୁ ଏହି ୪ ଏକର ଖଣି ନିଲାମ ହୋଇଛି। ତେବେ ନିଲାମଧାରୀ ୨ ବର୍ଷରେ ୪ ଏକରରୁ ଊର୍ଦ୍ଧ୍ୱ ନିଲାମ ଅଞ୍ଚଳରେ ଖଣି ଖୋଳି ସାରିଲେଣି। ପୁଣି ପାଖରେ ଥିବା ଅବଶିଷ୍ଟ ସମସ୍ତ କାଜୁ ଜଙ୍ଗଲର ଜମିରୁ କାଜୁ ଗଛ କାଟି ବେଆଇନ ଖଣି ଖନନ କରୁଛନ୍ତି। ବାହାରେ କାଜୁ ଜଙ୍ଗଲ ଦେଖାଯାଉଥିଲେ ମଧ୍ୟ ଭିତରେ ୪୦ରୁ ୫୦ ଫୁଟ ଖଣି ଖୋଳା ହୋଇ ସାରିଲାଣି। ଏଭଳିସ୍ଥଳେ କାଜୁ ଜଙ୍ଗଲ ପଦା ହେଲାଣି। ମୟୂରଝାଲିଆର ବେଆଇନ ଖଣି ଖନନ ନେଇ ସ୍ଥାନୀୟ ବାସିନ୍ଦା ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ତହସିଲଦାର, ଆରଡିସି, ୫-ଟି ସଚିବଙ୍କୁ ଅଭିଯୋଗ କରିଥିଲେ। ହେଲେ ଏହାର ତଦନ୍ତ ହେଲାନି କି କାର୍ଯ୍ୟାନୁଷ୍ଠାନ ନିଆଗଲାନାହିଁ। ସେହିପରି ଉପଜିଲାପାଳ ଲଗ୍ନଜିତ ରାଉତ ତଦନ୍ତ କରିବାକୁ କହି ବଦଳି ହୋଇଗଲେ ପଛେ କଲେ ନାହିଁ। ପରବର୍ତ୍ତୀ ପର୍ଯ୍ୟାୟରେ ଏନ୍‌ଜିଟିରେ ଛାଟ ବାଜିବା ପରେ ବି ପ୍ରଶାସନ ତଦନ୍ତ କଲାନି। ବରଂ ଖଣି ମାଫିଆଙ୍କ ଚାପରେ ଚେପା ହୋଇ ପ୍ରଶାସନ ଚଢ଼ାଉ କରିବାକୁ ଭୟ କରିଥିଲା। ଏ ନେଇ ସ୍ଥାନୀୟ ବାସିନ୍ଦା ଶିବ ପ୍ରସାଦ ରାୟଗୁରୁ କୁହନ୍ତି, ମୟୂରଝାଲିଆର ବେଆଇନ ଖଣି ଖନନକୁ ରୋକି ହେଉନାହିଁ। ଏଠାରେ ତଳୁ ଉପରସ୍ତର ପର୍ଯ୍ୟନ୍ତ ଦୁର୍ନୀତିରେ ସାମିଲ ରହି ସରକାରଙ୍କ ରାଜସ୍ୱକୁ ହରିଲୁଟ୍ କରି ଚାଲିଛନ୍ତି। ଏହି ବେଆଇନ ଖଣି ଖନନ ପାଇଁ ଏକ ର୍‍ୟାକେଟ ଚାଲିଛି। ତହସିଲ ଅଫିସର ତହସିଲଦାର, ବଡବାବୁ ଦୁର୍ନୀତିର ମୂଳ ଚେର। ଏଣୁ ତଦନ୍ତ ହେବାର ପ୍ରଶ୍ନ ଉଠୁନି। ଏନ୍‌ଜିଟିରେ ଆବେଦନ କରିଥିବା ଦିଲୀପ କୁମାର ସାମନ୍ତରାୟ କୁହନ୍ତି, କାଜୁ ଜଙ୍ଗଲ କଟାଯାଇ ବେଆଇନ ଖଣି ଖନନ ଚାଲିଛି। ପୁଣି ନିଲାମଧାରୀ ଲିଜ୍ ନେଇଥିବା ଜମିକୁ ବାଲିରେ ପୋତୁ ନାହାନ୍ତି। ସେହିଭଳି ନିଲାମଧାରୀ ୫ ବର୍ଷ ପାଇଁ ନିଲାମ ନେଇଥିବା ଅଞ୍ଚଳକୁ ଶେଷକରି ପାଖ ଜମିକୁ ଦଖଲକୁ ନେଇ କାଜୁ ଜଙ୍ଗଲ ପଦା କରି ସାରିଲେଣି। ଏନ୍‌ଜିଟି ଛାଟ ବାଜିବା ପରେ ପ୍ରଶାସନର ନୀରବତା ହାତଗୁଞ୍ଜା କାରବାରକୁ ପ୍ରମାଣିତ କରିଥିଲା। ଏବେ ଏନ୍‌ଜିଟିର ନିର୍ଦ୍ଦେଶରେ ତଦନ୍ତକୁ ବାଟବଣା ପାଇଁ ଉଦ୍ୟମ ଚାଲିଛି। ଏହି ଅନିୟମିତତା ପଛରେ ଜଣେ ବିଧାୟକଙ୍କ ହାତ ରହିଛି। ଏଣୁ ଖଣିକୁ ଅନାୟସରେ ମାଫିଆମାନେ ଚୋରି କରି ଚାଲିଛନ୍ତି।

# ଆମେ ନୟାଗଡ଼ିଆ, ନୟାଗଡ଼ ଆମର

ଓଡ଼ଗାଁ, ୩୧।୧୦ (ସ୍ୱ.ପ୍ର.)


ଭାଜପା ମିଶ୍ରଣ ପର୍ବରେ ସାମିଲ ହୋଇଥିବା ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ଓ ଅନ୍ୟମାନେ।

■ ଭାଜପାର ମିଶ୍ରଣ ପର୍ବରେ ଉଠିଲା ସ୍ୱର
■ ୩୦୦ରୁ ଊର୍ଦ୍ଧ୍ୱ ଭାଜପାରେ ସାମିଲ

ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ତଥା ଓଡ଼ଗାଁ ବ୍ଲକ ଓ ୨ ନଂ. ଜିଲା ପରିଷଦ ଜୋନ ଅନ୍ତର୍ଗତ ସାକେରୀ ପଞ୍ଚାୟତ ଲିମ୍ବେଶ୍ୱରୀ ମହାଦେବଙ୍କ ପଡିଆରେ ଭାଜପା ପକ୍ଷରୁ ଆୟୋଜିତ ମିଶ୍ରଣ ପର୍ବରେ ଆମେ ନୟାଗଡ଼ିଆ, ନୟାଗଡ ଆମର ବୋଲି ସ୍ୱର ଉଠିଛି। ଜିଲା ଭାଜପା ପକ୍ଷରୁ ସୋମବାର ଆୟୋଜିତ ମିଶ୍ରଣ ପର୍ବ ଅବସରରେ ଏକ ବାଇକ୍ ଶୋଭାଯାତ୍ରା ନୟାଗଡ଼ ରାଜବାଟୀରୁ ବାହାରି ମାଛିପଡା, ଶରଣକୁଳ, ଓଡ଼ଗାଁ ଅତିକ୍ରମ କରି ଲିମ୍ବେଶ୍ୱରୀ ପଡିଆରେ ପହଞ୍ଚି ଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ପ୍ରାକ୍ତନ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ଏହାର ନେତୃତ୍ୱ ନେଇଥିବା ବେଳେ ନୟାଗଡ଼ ଜିଲାର ବିଜୟୀ ଓ ପରାଜୟୀ ସଦସ୍ୟଙ୍କ ସମେତ ଶତାଧିକ ଭାଜପା ପ୍ରେମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଜିଲା ପରିଷଦ ଜୋନ ୨ ଭାଜପା ମଣ୍ଡଳ ସଭାପତି ଚୈତନ୍ୟ ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମିଶ୍ରଣ ପର୍ବରେ ପ୍ରାକ୍ତନ ଏମ୍‌ପି ରାଜେଶ୍ୱରୀ ସିଂହଙ୍କ ସହ ରାଜକୁମାର ଅରଣ୍ୟରାଜ ସିଂହ, ପ୍ରାକ୍ତନ ଜିଲା ପରିଷଦ ସଦସ୍ୟ ନସିର ଅହମ୍ମଦ, ଆରତୀ ଗୌଡ, ଜିଲା ପରିଷଦ ପ୍ରାର୍ଥିନୀ ଧରିତ୍ରୀ ସେଠୀ, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ସନ୍ତୋଷ କୁମାର ପ୍ରଧାନ, କର୍ମକର୍ତ୍ତା ଅଚ୍ୟୁତାନନ୍ଦ ପଣ୍ଡା, ପ୍ରାକ୍ତନ ସରପଞ୍ଚ ସୌମ୍ୟରଞ୍ଜନ ପ୍ରଧାନ, ପ୍ରାକ୍ତନ ନୟାଗଡ଼ ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ବରାଡ, ଜିଲା ଭାଜପା ଉପସଭାପତି କୃପାସିନ୍ଧୁ ଗୌଡଙ୍କ ସମେତ ଚମ୍ପତିପୁର, କ୍ରିଦାସପୁର, ସିନ୍ଦୁରିଆ, ଗମ୍ଭାଡି ନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟ ଅଂଶଗ୍ରହଣ କରିଥିଲେ।

ଏହି ମିଶ୍ରଣ ପର୍ବର ମଞ୍ଚକୁ ଚନ୍ଦ୍ର ବିଜୟୀ ମିଶ୍ର ସଂଯାଜନା କରିଥିଲେ। ମୁଖ୍ୟତଃ ବିଜେଡି ସରକାରଙ୍କ ଠିକାଦାରୀ ଶାସନ ଉଚ୍ଛେଦ ସହ ଦୁର୍ନୀତି ମୁକ୍ତ ସରକାର ଗଠନ ଏବଂ ବିକାଶ ନାମରେ ଜିଲାରେ ଚାଲିଥିବା ବିନାଶକୁ ସମୂଳେ ମୂଳୋତ୍ପାଟନ କରିବାକୁ ରାଣୀ ମା' ରାଜେଶ୍ୱରୀ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଦୀର୍ଘଦିନ ବିଜେଡି ଶାସନ ଭିତରେ ଜମିକୁ ପାଣି ନାହିଁ, ଶୀତଳଭଣ୍ଡାର ବିନା ସ୍ଥାନୀୟ ପନିପରିବା ଚାଷୀ କିପରି ଆଭାବୀ ବିକ୍ରିର ସମ୍ମୁଖୀନ ହେଉଛି ସେ ସମ୍ପର୍କରେ ଅନ୍ୟ ବକ୍ତାମାନେ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିସହ ଆଗାମୀଦିନରେ ରାଣୀମା'ଙ୍କୁ ବିପୁଳ ପରିମାଣରେ ସମର୍ଥନ ଦେବାକୁ ଲୋକଙ୍କୁ ଅନରୋଧ କରିଥିଲେ। ଏହି ଅବସରରେ ଯୁବନେତା ନୃସିଂହ ଚରଣ ମହାପାତ୍ର ଓ ଆରତୀ ଗୌଡଙ୍କ ନେତୃତ୍ୱରେ କେବଳ ସାକେରୀ ପଞ୍ଚାୟତର ୩୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଦଳୀୟ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ପ୍ରାକ୍ତନ ଏମ୍‌ପି ରାଜେଶ୍ୱରୀ ସିଂହ ସମସ୍ତଙ୍କୁ ପୁଷ୍ପମାଳା ପିନ୍ଧାଇ ଦଳରେ ସାମିଲ ହୋଇଥିବା ନେଇ ଘୋଷଣା କରିଥିଲେ। ମୁଖ୍ୟତଃ ନୟାଗଡ଼ ବାହାର ଲୋକଙ୍କୁ ଆଉ ବିଶ୍ୱାସକୁ ନିଆଯିବ ନାହିଁ ବୋଲି ସମସ୍ତେ ଏକ ଶପଥ ନେବା ସହ ପୁଣି ଥରେ ଏକସ୍ୱରରେ ଆମେ ନୟାଗଡିଆ, ନୟାଗଡ ଆମର ଧ୍ୱନୀ ଦେଇଥିଲେ। ଅନ୍ୟପକ୍ଷେ ଠିକାଦାରୀ ଶାସନରେ ଅତିଷ୍ଠ ହୋଇ ବହୁ ଲୋକ ସ୍ୱତଃ ଭାଜପାରେ ସାମିଲ ହୋଇଥିବା ପ୍ରକାଶ କରିଥିଲେ।

# ଦୁର୍ନୀତି ନିବାରଣ ଉପରେ ଶପଥ

ନୟାଗଡ ଅଫିସ,୩୧।୧୦

ଲୋକସେବା ଭବନ ସଭାଗୃହରେ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉଦ୍ଦେଶ୍ୟରେ ବୈଠକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ଉତ୍କଳ ବନ୍ଦନା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ସମସ୍ତ ବିଭାଗୀୟ ମୁଖ୍ୟ, ଜିଲାପାଳ ଓ ଜଲାସ୍ତରୀୟ ଅଧିକାରୀମାନଙ୍କୁ ଭିଡିଓ କନେଫେରେନ୍ସ(ଆଭାଷି) ମାଧ୍ୟମରେ ଦୁର୍ନୀତି ନିବାରଣ ଉପରେ ଶପଥପାଠ କରାଇଥିଲେ।

ପରବର୍ତ୍ତୀ ପର୍ଯ୍ୟାୟରେ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଜିଲା କାର୍ଯ୍ୟାଳୟ ପ୍ରାଙ୍ଗଣରେ ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀମାନଙ୍କୁ ଏହି ଦୁର୍ନୀତି ନିବାରଣ ଶପଥ ପାଠ କରାଇଥିଲେ। ସେହିଭଳି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପୂଣ୍ୟ ଜନ୍ମ ଜୟନ୍ତୀ, ଯାହାକୁ ଭାରତ ସରକାର ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରୁଛନ୍ତ ତାହାକୁ ପାଳନ କରାଯାଇଥିଲା। ଏ ଅବସରରେ ନୟାଗଡ଼ ଜିଲାପାଳ ସାହୁ ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀମାନଙ୍କୁ ରାଷ୍ଟ୍ରୀୟ ଏକତା ଦିବସ ଉପରେ ଏକ ଶପଥ ପାଠ କରାଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଇଲୁ



@ ଲଳିତ


@ ଲିକୁ


@ ପ୍ରଭାସ


@ ରୁଦ୍ର ପ୍ରସାଦ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୬ ପଞ୍ଚାୟତରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା


ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଜନସମ୍ପର୍କ ପଦଯାତ୍ରାରେ ଯାଉଛନ୍ତି।

ଭାପୁର,୩୧।୧୦ (ଡି.ଏନ.ଏ.)

ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ନେତୃତ୍ୱରେ ପୂର୍ବରୁ ୯ ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସୋମବାର ଭାପୁର ବ୍ଲକରେ ସକାଳ ୧୦ରୁ ୬ ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି । ପ୍ରଥମେ ଶାଳପଡା ପଞ୍ଚାୟତରୁ ପଦଯାତ୍ରା ଆରମ୍ଭ ହୋଇ କଇଁଫୁଲିଆ, ରାକମା, ବିଜିପୁର, ଶାସନ ଏବଂ କରବର ପଞ୍ଚାୟତ ପରିକ୍ରମା କରିବା ପରେ ଶେଷ ହୋଇଥିଲା। ଏହି ପଦଯାତ୍ରାରେ ସ୍ଥାନୀୟ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଧାୟକଙ୍କ ବ୍ଲକ ପ୍ରତିନିଧି ଜିତେନ୍ଦ୍ର କୁମାର ରଣସିଂ, ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ , ଜିଲଶପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ ,ଭାପୁର ବ୍ଲକ ବିଜେଡି ମହିଳା ସଭାନେତ୍ରୀ କବିତା ମହାରଣା, ବରିଷ୍ଠ ବିଜେଡି ନେତା ଅପର୍ତ୍ତି ପ୍ରଧାନ, ମାଟିଆ ସ୍ୱାଇଁ, ରବିନ୍ଦ୍ର କୁମାର ପଟ୍ଟନାୟକ , ରମେଶ ଚନ୍ଦ୍ର ବରାଡ, ରମେଶ ଚନ୍ଦ୍ର ରାଉତ , ରାକମା ପଞ୍ଚାୟତର ସରପଞ୍ଚ ସନ୍ତୋଷିନୀ ବେହେରା, ସମିତିସଭ୍ୟ ବାଳ ଗୋପାଳ ଷଡ଼ଙ୍ଗୀ, ସନ୍ତୋଷ କୁମାର ପଣ୍ଡା, ବିଜୟ କୁମାର ପଟ୍ଟନାୟକ , ଶଶୀଭୂଷଣ ରାଉତରାୟ , ଶାସନ ପଞ୍ଚାୟତର ସମିତିସଭ୍ୟ କାହ୍ନୁଚରଣ ପ୍ରଧାନ, ସରପଞ୍ଚ ପ୍ରଫୁଲ୍ଲ କୁମାର ଗୋଛି, କରବର ପଞ୍ଚାୟତ ସମିତିସଭ୍ୟ ତପନ କୁମାର ମହାପାତ୍ର ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁଣିଥରେ ମୁଖ୍ୟମନ୍ତ୍ରୀ କରିବାକୁ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଆହ୍ୱାନ କରିଥିଲେ । ନଭେମ୍ବର ୨ ତଥା ଅନ୍ତିମ ଦିନରେ ଭାପୁର ବ୍ଲକ୍‌ର ପଦ୍ମାବତୀ, ବାଉଁଶବାଟି, କେନ୍ଦୁପଲ୍ଲୀ, ପଥରଚକଡା ଓ ଧାନଚାଙ୍ଗଡା ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେବ ବୋଲି ବିଜୁଜନତା ଦଳ ତରଫରୁ ସୂଚନା ମିଳିଛି ।

# ସିଧାମୂଳାରେ ବର୍ଷସାରା ମୁଖ୍ୟ ରାସ୍ତା ଉପରେ କାଦୁଅପାଣି

ଖଣ୍ଡପଡା,୩୧।୧୦(ସ୍ୱ.ପ୍ର)

## ଯାତାୟାତରେ ଲୋକେ ହନ୍ତସନ୍ତ


ରାସ୍ତାରେ ପାଣି ଜମି କାଦୁଅ ହୋଇଯାଇଛି।

ରାସ୍ତା ଉପରେ କାଦୁଅ ପାଣି ଜମି ରହୁଛି। ଖଣ୍ଡପଡା ବ୍ଲକ ଅନ୍ତଗତ ସିଧାମୂଳାର ମୁଖ୍ୟ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ସିଧାମୂଳା ୟୁପି ଏମ୍‌ଇ ସ୍କୁଲଠାରୁ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ବର୍ଷସାରା ପାଣି କାଦୁଅରେ ଭର୍ତ୍ତି ହୋଇ ରହୁଛି। ବର୍ଷାଦିନ ବ୍ୟତୀତ ଅନ୍ୟ ସମୟରେ ସାହିଗୁଡିକରୁ ଆସୁଥିବା ମଇଳା ପାଣି ସହ ନର୍ଦ୍ଦମା ପାଣି ଉକ୍ତ ରାସ୍ତା ଉପରେ ଜମି ରହି ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ବିଦ୍ୟାଳୟଠାରୁ ପାଟଣାସାହିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଡ୍ରେନ ନ ଥିବା ଫଳରେ ବର୍ଷା ସମୟରେ ହେଉଥିବା ଗ୍ରାମ ତଥା ଘରଗୁଡିକରୁ ଆସୁଥିବା ଉଦ୍‌ବୃତ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା ନ ଥିବାରୁ ତାହା ରାସ୍ତା ଉପରେ ଜମି ରହୁଛି। ଏହାଛଡା ବିଦ୍ୟାଳୟ ସମ୍ମୁଖ ଭାଗ ମାଳବନ୍ଧ ଓ ରାସ୍ତା କଡରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ନିକଟରେ ଅଳିଆ ଆବର୍ଜନା ଗଦା ହୋଇ ରହିଥିବାରୁ ରାସ୍ତା ସଙ୍କୁଚିତ ହୋଇ ଗମନାଗମନରେ ବାଧକ ସାଜିଛି। ବର୍ଷାଦିନେ ଉକ୍ତ ରାସ୍ତାରେ ପାଣି ଜମି ରହିବା ସହ ଉକ୍ତ ଆବର୍ଜନା ପାଣି ବିଦ୍ୟାଳୟ ପରିସରକୁ ପ୍ରବେଶ କରିଥାଏ। ପ୍ରତ୍ୟେହ ଶତାଧିକ ଛାତ୍ରୀଛାତ୍ର, ଗ୍ରାମବାସୀ ଉକ୍ତ ରାସ୍ତା ଦେଇ ଗଲା ବେଳେ ଅସନ୍ତୁଷ୍ଟ ପ୍ରକାଶ କରୁଛନ୍ତି। ବିଦ୍ୟାଳୟ ପୂର୍ବ ପାର୍ଶ୍ୱ ମାଳବନ୍ଧ କଡରେ ଏକ ଡ୍ରେନର ବ୍ୟବସ୍ଥା କରାଯାଇ ପାରିଲେ ଉଦ୍‌ବୃତ ପାଣି ସବୁ ନିମ୍ନ ସ୍ତରରେ ଥିବା ଏକ ପୋଖରୀକୁ ପ୍ରବାହିତ ହୋଇ ପାରନ୍ତା। ମାତ୍ର ପଞ୍ଚାୟତ ପକ୍ଷରୁ ଉକ୍ତ ଡ୍ରେନକୁ ନିର୍ମାଣ କରିବାରେ ଅବହେଳା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସିଧାମୂଳା ପଞ୍ଚାୟତ ସରପଞ୍ଚ ଗୀତାଞ୍ଜଳି ଜେନାଙ୍କ ସହ ଯୋଗାଯୋଗ କରିବାରେ ଦୀର୍ଘବର୍ଷରୁ ସେଠାରେ ଥିବା ଡ୍ରେନଟି ଅଳିଆ, ଆବର୍ଜନାରେ ପୋତି ହୋଇ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ସମୂହ ସ୍ୱାର୍ଥକୁ ଦୃଷ୍ଟି ରଖି ଏ ସମ୍ପର୍କରେ ଖଣ୍ଡପଡ଼ା ବିଡିଓଙ୍କ ସହ ଆଲୋଚନା କରି ଏ ଦିଗରେ କାର୍ଯ୍ୟ ଆରମ୍ଭ କରାଯାଇଥିବା ସରପଞ୍ଚ ଜେନା କହିଥିବା ବେଳେ ଖୁବ୍‌ଶୀଘ୍ର କାର୍ଯ୍ୟଟି ସମ୍ପନ୍ନ ହେବ ବୋଲି ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର ୧ ନଭେମ୍ବର, ୨୦୨୨



**ସଂକ୍ଷେପରେ**

## ସଞ୍ଜୟ୍ ସ୍ମୃତି ସରକାରୀ ମହିଳା କଲେଜରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ

ଫୁଲବାଣୀ ଅଫିସ, ୩୧।୧୦– ଫୁଲବାଣୀ ସଞ୍ଜୟ ସ୍ମୃତି ସରକାରୀ ମହିଳା ମହାବିଦ୍ୟାଳୟରେ ଚଳିତ ବର୍ଷରୁ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହୋଇଛି । ପ୍ରାଥମିକ ପର୍ଯ୍ୟାୟରେ ଇତିହାସ, ଗୃହ ବିଜ୍ଞାନ ଓ ଓଡ଼ିଆ ବିଭାଗରେ ନାମଲେଖା ହୋଇଛି । ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲାର ସରକାରୀ ମହିଳା ମହାବିଦ୍ୟାଳୟରେ ଏହି ପାଠ୍ୟକ୍ରମର ଆରମ୍ଭ ଉଚ୍ଚଶିକ୍ଷା ବିଭାଗର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସହରବାସୀ କହଛନ୍ତି । ୪୦ ବର୍ଷ ପୁରାତନ ଏହି ଶିକ୍ଷାନୁଷ୍ଠାନରେ ପୂର୍ବରୁ ଇତିହାସ, ଓଡ଼ିଆ, ରାଜନୀତି ବିଜ୍ଞାନ, ଗୃହବିଜ୍ଞାନ, ନୃତତ୍ତ୍ୱ ଅର୍ଥନୀତି ବିଭାଗର ସ୍ନାତକ ଡିଗ୍ରୀ ଶ୍ରେଣୀରେ ସମ୍ମାନ ରଖି ଶିକ୍ଷାଦାନ ହେଉଛି । ଚଳିତ ମାସରେ ଇଂଲିଶ ବିଷୟରେ ନୂତନ ସ୍ନାତକ ଡିଗ୍ରୀ ପାଠ୍ୟକ୍ରମ ଖୋଲିଛି । ଏହା ସହିତ ୪୮ ସିଟ ଥିବା ଇତିହାସ, ରାଜନୀତି ବିଜ୍ଞାନ ଓ ଗୃହବିଜ୍ଞାନ ସ୍ନାତକ ଡିଗ୍ରୀ ୬୪କୁ ବୃଦ୍ଧି ପାଇଛି । ଏସବୁ ପାଇଁ ମହାବିଦ୍ୟାଳୟର ଅଧକ୍ଷା ଡ଼. ତନୁଜା ସିଂ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, ଉପ ନିର୍ଦ୍ଦେଶକ ଡ଼.ରଜତ କୁମାର ମାନସିଂହଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଚମାଖଣ୍ଡି ସିପିଆଇ ଆଞ୍ଚଳିକ ପରିଷଦ ବୈଠକ

ଛତ୍ରପୁର,୩୧।୧୦(ଡି.ଏନ.ଏ.)– ଚମାଖଣ୍ଡି ସିପିଆଇ ଆଞ୍ଚଳିକ ପରିଷଦ ବୈଠକ ସୋମବାର ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦୁର୍ଯ୍ୟୋଧନ ନାହାକ ଅଧ୍ୟକ୍ଷତା କରିଥିବା ବେଳେ ନୀଳକଣ୍ଠ ଦାଶ ଦଳୀୟ ରିପୋର୍ଟ ଉପସ୍ଥାପନ କରିଥିଲେ । ଡିସେମ୍ବର ୩୦ ସୁଦ୍ଧା ନୂତନ ସଭ୍ୟ ପଦ ନବୀକରଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ପୂର୍ବତନ ବିଧାୟକ ଏନ.ନାରାୟଣ ରେଡ୍ଡୀ ବୈଠକରେ ଯୋଗଦେଇ ଦୀପକ ଫର୍ଟିଲାଇଜର କମ୍ପାନୀ ବିରୋଧରେ ଆନ୍ଦୋଳନକୁ ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ । ଦଳ ପକ୍ଷରୁ ଏହାକୁ ସମର୍ଥନ ଦିଆଯାଇଥିଲା । ଛତ୍ରପୁର ସିପିଆଇ ଜୋନ୍ ସହସମ୍ପାଦକ ଦୁର୍ଯ୍ୟୋଧନ ପରିଡା ସମବାୟ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଜୋନ୍ ସମ୍ପାଦକ ସିଏଚ୍. ଜନାର୍ଦ୍ଦନ ରେଡ୍ଡୀ , ସହସମ୍ପାଦକ ଏନ୍.ଗିରିଜା ପ୍ରସାଦ ରେଡ୍ଡୀ, ପୂର୍ବତନ ସରପଞ୍ଚ ସୀମାଞ୍ଚଳ ସାହୁ, ମଥୁରା ସୁବୁଦ୍ଧି, କେଶବ ନାହାକ, ଭାଗିରଥି ପ୍ରଧାନ, ସରସ୍ୱତୀ ପ୍ରଧାନ, କେଶବ ବେହେରା, ଉଦୟ ନାହାକ, ପୁରୁଷୋତ୍ତମ ପାତ୍ର, ସନ୍ୟା ପ୍ରଧାନ, କାଳୀ ପ୍ରସାଦ ରାଓ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

## ଗଦାପୁରଠାରେ ସ୍ୱନକ୍ଷତ୍ର କାର୍ଯ୍ୟକ୍ରମ

ଦାରିଙ୍ଗବାଡି,୩୧।୧୦(ଡି.ଏନ.ଏ)– ଦାରିଙ୍ଗବାଡ଼ି ବ୍ଲକ ବାମୁଣୀଗାଁ ଥାନା ଗଦାପୁରଠାରେ ସୋମବାର ସମଗ୍ର ଶିକ୍ଷା ପକ୍ଷରୁ ସ୍ୱନକ୍ଷତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହାକୁ ସମଗ୍ର ଶିକ୍ଷାର ବିଆର୍‌ସିସି ତଥା ଏବିଇଓ ସୁବାସିନୀ ଦିଗଲଙ୍କ ତତ୍ତ୍ୱାବଧାନରେ ଗୋଷ୍ଠୀ ସମ୍ବଳ ଶିକ୍ଷକ ମାନସ କୁମାର ଷଡ଼ଙ୍ଗୀ, ରଶ୍ମିତା ସେନାପତି ପ୍ରମୁଖ ପରିଚାଳନା କରିଥିଲେ । ଗଦାପୁର କ୍ଲଷ୍ଟରର ଗଦାପୁର, ତାଜୁଙ୍ଗିଆ, ହାତୀମୁଣ୍ଡା, ସରାମୁଳି ପଞ୍ଚାୟତ ଅଞ୍ଚଳରେ ଥିବା ବିଦ୍ୟାଳୟରୁ ୩୩୬ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯ଜଣ ଛାତ୍ରୀଛାତ୍ରଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବାକୁ ପରାମର୍ଶ ଦେଇଛନ୍ତି । ସେହିପରି ୧୨୯ଛାତ୍ରୀଛାତ୍ରଙ୍କୁ ଚଷମା ବ୍ୟବହାର ପାଇଁ ମାଗଣା ଯୋଗାଇଦିଆଯିବାକୁ ନିଷ୍ପତ୍ତି ହୋଇଥିବା ବେଳେ ୫୬ ଛାତ୍ରୀଛାତ୍ରଙ୍କୁ ଔଷଧ ଦିଆଯାଇଥିଲା । ଛାତ୍ରୀଛାତ୍ରଙ୍କୁ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସକ ଏସ.ଏ ଜାହିର, ରାଇକିଆ ସ୍ୱାସ୍ଥ୍ୟକେନ୍ଦ୍ରର ସୁବାଶିଷ ପଣ୍ଡା ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଅର୍ଚ୍ଚନା ସ୍ୱାଇଁ ଚକ୍ଷୁ ପରୀକ୍ଷା କରିଥିଲେ ।

# ଗ୍ରାମବାସୀ–ପୋଲିସ ଧସ୍ତାଧସ୍ତି, ଉତ୍ତେଜନା

## ସ୍ମାର୍ଟକେମ୍ କମ୍ପାନୀ କାମ ଆରମ୍ଭକୁ ବିରୋଧ

ଛତ୍ରପୁର,୩୧।୧୦(ଡି.ଏନ୍.ଏ.)

ଛତ୍ରପୁର ବ୍ଲକ କାଳିପଲ୍ଲୀ ଗ୍ରାମ ନିକଟରେ ଟାଟା କମ୍ପାନୀ ଇଣ୍ଡଷ୍ଟ୍ରିଆଲ ପାର୍କ ପରିସରରେ ସ୍ମାର୍ଟକେମ୍ ଟେକ୍ନୋଲୋଜି ନାମକ ଏକ କାରଖାନା ନିର୍ମାଣକୁ ସ୍ଥାନୀୟ ଲୋକେ ବିରୋଧ କରିବାରୁ କାମ ବନ୍ଦ ରହିଥିଲା । ପରେ କମ୍ପାନୀ କୋର୍ଟର ନିୟମ ମୁତାବକ ସୋମବାର ପୋଲିସ ଫୋର୍ସ ଉପସ୍ଥିତିରେ ପୁଣି କାମ ଆରମ୍ଭ କରିଥିଲା । ଏହା ଜାଣିବା ପରେ କାଳିପଲ୍ଲୀର ଶତାଧିକ ମହିଳା ପୁରୁଷ ପ୍ରକଳ୍ପସ୍ଥଳକୁ ଆସି କାମ ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ । ପୋଲିସ ଏହାକୁ ପ୍ରତିହତ କରିବା ବେଳେ ଗ୍ରାମବାସୀଙ୍କ ସହ ଧସ୍ତାଧସ୍ତି ହୋଇଥିଲା । ଶେଷରେ ଗ୍ରାମବାସୀମାନେ ପଛକୁ ଫେରିଥିଲେ । ଗ୍ରାମବାସୀଙ୍କ ଅଭିଯୋଗ ଯେ, ଏହି ବିଷାକ୍ତ କମ୍ପାନୀ ହେଲେ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବେ । ଏପରିକି ଏହି କମ୍ପାନୀ ନେଇ କୌଣସି ଜନଶୁଣାଣି ମଧ୍ୟ ହୋଇନାହିଁ । ତେଣୁ ଉକ୍ତ ପ୍ରକଳ୍ପ ବନ୍ଦ କରି ଅନ୍ୟ କିଛି ଶିଳ୍ପ କାରଖାନା କରାଯାଉ ବୋଲି କାଳିପଲ୍ଲୀ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି କରାଯାଇଛି । ଅନ୍ୟପକ୍ଷରେ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ଫୋର୍ସ ରଖି କାମ ଆରମ୍ଭ କରାଯାଇଥିଲା । ଧସ୍ତାଧସ୍ତିରେ ଉଭୟ ଗୋଷ୍ଠୀର କେତେଜଣ ଆହତ ହୋଇଥିବା ଜଣାପଡିଛି । ମଙ୍ଗଳବାର ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

# ୪ର୍ଥ ଦିନରେ ଭାଜପା ଯୁବମୋର୍ଚ୍ଚାର ଧାରଣା

## ନାବାଳିକା ଛାତ୍ରୀ ପ୍ରସବ ପରେ ମୃତ୍ୟୁ ଘଟଣା

ଫୁଲବାଣୀ ଅଫିସ, ୩୧।୧୦

ତୁମୁଡିବନ୍ଧ ବ୍ଲକ ରାଙ୍ଗାପାରୁ ଆଶ୍ରମ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ମୃତ ସନ୍ତାନ ଜନ୍ମ ଦେବା ଓ ପରେ ତାଙ୍କର ମୃତ୍ୟୁ ହେବା ଘଟଣାରେ ସମ୍ପୃକ୍ତ ଦୋଷୀଙ୍କୁ ଗିରଫ ଦାବିରେ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଚାଲିଥିବା ଧାରଣା ସୋମବାର ଚତୁର୍ଥ ଦିନରେ ପହଞ୍ଚିଛି । ଧାରଣାସ୍ଥଳରେ ମୃତ ଛାତ୍ରୀଙ୍କ ମା' ବାପା ଦିନତମାମ ବସି ରହି ନ୍ୟାୟ ମାଗିଥିଲେ । ମାତ୍ର ପ୍ରଶାସନ ଏହି ଘଟଣାରେ ଆଦୌ ମୁହଁ ଖୋଲୁନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଧାରଣାର ନେତୃତ୍ୱ ନେଉଥିବା ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଗୋଲକ ବିହାରୀ କଅଁର କହିଛନ୍ତି । ଏଭଳି ଘଟଣା କନ୍ଧମାଳରେ ଅନେକ ଥର ଘଟୁଛି । ହେଲେ ପ୍ରଶାସନ ସେପରି କିଛି ପଦକ୍ଷେପ ନେଇପାରୁନି ବୋଲି ଫୁଲବାଣୀ ପୌରାଧକ୍ଷା ସ୍ମିତାରାଣି ମହାନ୍ତି ପ୍ରକାଶ କରିଛନ୍ତି । ଏହି ଘଟଣାକୁ ନେଇ ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ



ଧାରଣାରତ ଭାଜପା କର୍ମକର୍ତ୍ତା ।

କରାଯାଇଥିଲା । ବର୍ତ୍ତମାନ ଧାରଣା ଚାଲିଛି । ଜିଲା ପ୍ରଶାସନ ବିଜେଡି ଚାପରେ ଚାପି ହୋଇ ଆଦୌ କର୍ଣ୍ଣପାତ କରୁନାହିଁ । ଆସନ୍ତା ବୁଧବାର ଭିତରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ଜିଲା ବନ୍ଦ କରାଯିବ ବୋଲି ଯୁବମୋର୍ଚ୍ଚା ସଭାପତି କହିଛନ୍ତି । ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଜଗନ୍ନାଥ ସାହୁ, ବରିଷ୍ଠ ନେତା ରାମବିଶି ଦିଗାଲ, ଅଜିତ ପଟ୍ଟନାୟକ, ରମେଶ ଚନ୍ଦ୍ର ମହାନ୍ତି, ଭଗବାନ ମହାନ୍ତି, କମଳାକାନ୍ତ ପାଣ୍ଡେ, ଲିଙ୍ଗରାଜ ଦଳବେହେରା, ଦେବନାରାୟଣ ପ୍ରଧାନ, ଅଭୟ ପାତ୍ର, ମୋତିଲାଲ୍ ଦିଗାଲ୍, ଝୁଲିମା ଦଳବେହେରା, ତପନ ପାଢୀଙ୍କ ସମେତ ଅନ୍ୟମାନେ ଧାରଣାରେ ସାମିଲ ହୋଇଥିଲେ ।

## ବାଇକ୍–କାର୍ ମୁହାଁମୁହିଁ, ଜଣେ ଗୁରୁତର

ଦାରିଙ୍ଗବାଡି,୩୧।୧୦(ଡି.ଏନ.ଏ)

ଦାରିଙ୍ଗବାଡି ଥାନା କିରିକୁଟି ପଞ୍ଚାୟତ ପାଟାଙ୍ଗି ଗ୍ରାମ ନିକଟରେ ସୋମବାର ଏକ କାର୍ ଓ ବାଇକ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ବାଇକ ଚାଳକ ଗୁରୁତର ହୋଇଛନ୍ତି ।ସେ ହେଲେ ବାଲିଗୁଡ଼ା ଥାନା ରଡୁଙ୍ଗିଆ ଗ୍ରାମର ବପିସିଂ ପ୍ରଧାନ(୨୦) । ଦୁର୍ଘଟଣା ପରେ କାର୍ ଚାଳକ ଗାଡ଼ି ଧରି ପଳାଇ ଯାଇଥିଲେ । ସ୍ଥାନୀୟ ଲୋକେ ସିମନବାଡି ଗ୍ରାମର କିଛି ଲୋକଙ୍କୁ ଫୋନ କରି ଉକ୍ତ କାରକୁ ଅଟକାଇବାକୁ କହିଥିଲେ । ସିମନବାଡି ବାସିନ୍ଦା ଦୁର୍ଘଟଣା ଘଟାଇଥିବା କାର (ଓଡି ୦୨ ବିଟି ୩୩୭୭)କୁ ଅଟକାଇ ପୋଲିସକୁ ଖବର ଦେଇଥିଲେ । ଅନ୍ୟପକ୍ଷରେ ପାଟାଙ୍ଗି ବାସିନ୍ଦା ଗୁରୁତର ବାଇକ୍ ଚାଳକ ବିପିସିଂଙ୍କୁ ଉଦ୍ଧାର କରି ଅଟୋରେ ଦାରିଙ୍ଗବାଡି ମେଡିକାଲକୁ ଆଣୁଥିଲେ । ପୋଲିସ ସିମନବାଡିରେ ଅଟକ ଥିବା ଉକ୍ତ କାର୍‌ରେ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲ ନେଇଛି ।

## ରାଷ୍ଟ୍ରୀୟ ଏକତା ଦିବସ

ନୂଆଗଡ଼,୩୧।୧୦

ନୂଆଗଡ ବ୍ଲକ ତବରଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଜିଲା ଶିକ୍ଷାଧିକାରୀ ପ୍ରଦୋଷ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଛାତ୍ରୀଛାତ୍ରମାନଙ୍କ ଏକ ଦୌଡ଼ ରାଲି ବାହାରି ତବରଡ଼ା ଗ୍ରାମ ପରିକ୍ରମା କରିଥିଲା । ପ୍ରଧାନ ଶିକ୍ଷକ ସାମ୍ବିକ କୁମାର ପଟ୍ଟନାୟକ ଏହାର ଶୁଭାରମ୍ଭ କରି ଦେଶୀୟ ରାଜ୍ୟଗୁଡ଼ିକୁ ଏକତ୍ରିତ କରିବାର ନିଷ୍ଠାପର ଉଦ୍ୟମ ଯୋଗୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଲୌହ ମାନବ ରୂପେ ସମଗ୍ର ରାଷ୍ଟ୍ରରେ ପରିଚିତ । ତେଣୁ ତାଙ୍କର ଜନ୍ମଦିନକୁ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ ହୋଇ ଆସୁଅଛି ବୋଲି କହିଥିଲେ । ଏହିଦିବସରେ ବିଦ୍ୟାଳୟର ୨୦୦ ଛାତ୍ରୀଛାତ୍ର ଯୋଗଦାନ କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ ।

## ପୋଖରୀରେ ବୁଡ଼ି ଯୁବକ ମୃତ

ବଳସକୁମ୍ପା,୩୧।୧୦

ଖଜୁରୀପଡ଼ା ଥାନା କାବର୍ ଗାଁରେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ବାଲି ସୁଗ୍ରି ଗ୍ରାମର ରାମ ଚନ୍ଦ୍ର କହଁର (୪୦) । ରାମଚନ୍ଦ୍ର କାବର ଗାଁର ପ୍ରଶାନ୍ତ କହଁରଙ୍କ ଘରେ ରହି ମୂଲ ମଜୁରି କାମ କରି ଚଳୁଥିଲେ । ଗତ ଶୁକ୍ରବାର ଶୌଚ ହେବାପାଇଁ ରାମଚନ୍ଦ୍ର କାବର୍ ସ୍କୁଲ ନିକଟ ପୋଖରୀକୁ ଯାଇଥିଲେ ଏବଂ ଆଉ ଘରକୁ ଫେରି ନ ଥିଲେ । ପରିବାର ବର୍ଗ ଆଖପାଖ ସାହି ପଡ଼ିଶାରେ ଖୋଜି ନ ପାଇବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ । ପୋଲିସ ନଂ.୧୭/୨୨ରେ ମାମଲା ରୁଜୁ କରି ଖୋଜାଖୋଜି ଜାରି ରଖିଥିଲା । କିନ୍ତୁ ସୋମବାର ସକାଳୁ ଗ୍ରାମବାସୀ ଶୌଚ ହେବାପାଇଁ ପୋଖରୀକୁ ଯାଇଥିବା ବେଳେ ମୃତଦେହ ପୋଖରୀ ପାଣିରେ ଭାସୁଥିବା ଦେଖି ଥାନାକୁ ଖବର ଦେଇଥିଲେ । ପୋଲିସ ମୃତଦେହ ଜବତ କରି ନଂ. ୭/୨୨ ରେ ଅପମୃତ୍ୟୁ ମାମଲା ରୁଜୁ କରିଛି ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

## ଶପଥ ପାଠ କଲେ କର୍ମଚାରୀ



କର୍ମଚାରୀମାନେ ଶପଥ ପାଠ କରୁଛନ୍ତି ।

ଛତ୍ରପୁର,୩୧।୧୦(ଡି.ଏନ୍.ଏ.)

ଅକ୍ଟୋବର ୩୧ରୁ ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ହେବ । ସୋମବାର ପ୍ରଥମ ଦିନ ଭର୍ଚୁଆଲ ପ୍ଲାଟଫର୍ମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁର୍ନୀତି ନିବାରଣ ଲାଗି ସମସ୍ତ ସରକାରୀ ଅଧିକାରୀମାନଙ୍କୁ ପ୍ରଶାସନିକସ୍ତରରେ ଅଖଣ୍ଡତାର ପ୍ରତିଶ୍ରୁତି ସମ୍ପର୍କରେ ଶପଥପାଠ କରାଇଥିଲେ । ଗଞ୍ଜାମ ଜିଲାସ୍ତରରେ ଅନୁଷ୍ଠିତ ଏହି ଶପଥପାଠ କାର୍ଯ୍ୟକ୍ରମରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ନାୟକ, ପ୍ରୋବେସନାରୀ ଆଇଏଏସ୍ ଧୀନା, ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ୍, ପ୍ରିୟ ରଞ୍ଜନ ପୃଷ୍ଟି, ଜିଲା ଜରୁରୀ କାଳୀନ ଅଧିକାରୀ ସୁକାନ୍ତ କୁମାର ମିଶ୍ର, ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ବ୍ଲକ୍, ଉପଖଣ୍ଡସ୍ତରୀୟ ଅଧିକାରୀମାନେ ଭର୍ଚୁଆଲ ପ୍ଲାଟଫର୍ମରେ ଯୋଡି ହୋଇ ଶପଥ ପାଠ କରିଥିଲେ । ଶପଥପାଠ କରାଇବା ପରେ ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ଅନୁପଯୁକ୍ତ ସମ୍ପତ୍ତି ମାମଲା ଚିହ୍ନଟ ଏବଂ ପଞ୍ଜୀକରଣ କ୍ଷେତ୍ରରେ ଓଡିଶା ଭିଜିଲାନ୍ସ ପ୍ରଥମ ସ୍ଥାନ ଅଧିକାର କରିଥିବା ଅବଗତ କରାଇଥିଲେ । ସଚେତନତା ସପ୍ତାହ ପାଳନ ଅବସରରେ ଜିଲାର ସମସ୍ତ ଉପଖଣ୍ଡରେ ବିଭିନ୍ନ ପ୍ରତିଯୋଗତା ହେବ । ଜିଲାସ୍ତରରେ ଆସନ୍ତା ୨ ତାରିଖରେ ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତି ମୁକ୍ତ ଭାରତ ସମ୍ପର୍କରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ପ୍ରତିଯୋଗିତା କରାଯିବା କାର୍ଯ୍ୟକ୍ରମ ରହିଛି ।

# ଶ୍ରମିକ ସଙ୍ଗଠନ ପକ୍ଷରୁ ଏଡିଏସ୍ କାର୍ଯ୍ୟାଳୟ ଘେରାଉ

ପାରଳାଖେମୁଣ୍ଡି,୩୧।୧୦(ଡି.ଏନ୍.ଏ.)

ପାରଳାଖେମୁଣ୍ଡିଠାରେ ଥିବା ଏଡିଏସ୍ କାର୍ଯ୍ୟାଳୟକୁ ଶ୍ରମିକ ସଂଗଠନ ପକ୍ଷରୁ ଘେରାଉ କରାଯାଇଛି । ସହରର ଫ୍ରେଣ୍ଡସ କଲୋନୀଠାରେ ଥିବା ଏଡିଏସ୍ କାର୍ଯ୍ୟାଳୟକୁ ଶ୍ରମିକ ସଂଗଠନର ବହୁ କର୍ମୀ ଏକତ୍ରିତ ହୋଇ ଘେରାଉ କରିବା ସହ ବିଭିନ୍ନ ନାରାବାଜି କରିଥିଲେ । ପରେ ଅଧିକାରୀ ଜଣକ ବହୁ ସମୟ ଧରି ବୁଝାଶୁଝା କରିବା ସହ ପ୍ରତିଶ୍ରୁତି ଦେବାପରେ ଘେରାଉରୁ ଓହରିଥିଲେ ଶ୍ରମିକ ସଂଗଠନର କର୍ମକର୍ତ୍ତା ବା ଚାଷୀମାନେ । ସୂଚନା ପ୍ରକାରେ, ଆସିଷ୍ଟାଣ୍ଟ ଡାଇରେକ୍ଟର ଅଫ ଏଗ୍ରିକିଲ୍ଚର କାର୍ଯ୍ୟାଳୟ ପକ୍ଷରୁ ବହୁ ଚାଷୀଙ୍କୁ ରୋଜଗାରକ୍ଷମ ହେବା ପାଇଁ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ



ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଅର୍ଜୁନ ଗଛ, ଟସର ଭଳି ଭିନ୍ନଭିନ୍ନ ଚାରାମାନ ଦେଇ ଆସୁଥିଲେ । ଏହାସହ ଚାଷୀମାନଙ୍କୁ ବିଭିନ୍ନ ପ୍ରତିଶ୍ରୁତିମାନ ଦେଇଥିଲେ । ହେଲେ ଏମାନଙ୍କୁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇ ମଧ୍ୟ ତାହା ପାଳନ ହୋଇ ନ ଥିବାରୁ ଅସନ୍ତୋଷ ମଧ୍ୟରେ ଥିଲେ । ଏ ନେଇ ବିଭିନ୍ନ ସମୟରେ ଅଭିଯୋଗମାନ କରିଥିଲେ ମଧ୍ୟ ବିଭାଗୀୟ ପକ୍ଷରୁ କୌଣସି ପଦକ୍ଷେପ ନ ନେବା ଯୋଗୁ ବାଧ୍ୟ ହୋଇ କାର୍ଯ୍ୟାଳୟ ଘେରାଉ କରିଥିବା କହିଛନ୍ତି ।

## ବାଲିଆପଟାରେ ଭୟାବହ ଅଗ୍ନିକାଣ୍ଡ
# ୨୦ ବଖରା ଜଳିଗଲା



ବିଡିଓ, ତହସିଲଦାର କ୍ଷୟକ୍ଷତି ଆକଳନ କରୁଛନ୍ତି ।

ଭଞ୍ଜନଗର,୩୧।୧୦(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ବାଲିଆପଟା ଗ୍ରାମରେ ରବିବାର ମଧ୍ୟରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ୨୦ବଖରା ଭସ୍ମୀଭୂତ ହୋଇଛି । ଏଥିରେ ଅଶୋକ ନାୟକ, କୃଷ୍ଣ ନାୟକ, ଦୟା ନାୟକ, ଗୟା ନାୟକ, ଗୋବିନ୍ଦ ନାୟକ, ତମ୍ଭାଲ ନାୟକ ,କେଶବ ନାୟକ ,ଜଗନ୍ନାଥ ବିଶୋଇ, ରାଧା ବିଶୋଇ, ବିଦେଶୀ ବିଶୋଇ, ଭାଗ୍ୟ ବିଶୋଇ ପ୍ରମୁଖଙ୍କ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି । ଭଞ୍ଜନଗର ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି । ନିଆଁ କିଭଳି ଲଗିଲା ଜଣାପଡ଼ିନାହିଁ । ବାଲିଆପଟା ଗ୍ରାମରେ ରବିବାର ରାତି ପ୍ରାୟ ୧୨ଟାରେ ହଠାତ୍ ଏକ ଘରୁ ନିଆଁ ବାହାରି ଚାହୁଁ ଚାହୁଁ ବ୍ୟାପୀ ଯାଇଥିଲା । ଲୋକେ ଭୟଭୀତ ହୋଇ ଘରୁ ବାହାରକୁ ଦୌଡ଼ି ପଳାଇଥିଲେ । ସୌଭାଗ୍ୟବଶତଃ ଏଥିରେ କେହି ଆହତ ହୋଇନାହାନ୍ତି । ଅଗ୍ନିକାଣ୍ଡରେ ଗୋଟିଏ ବାଇକ୍ ମଧ୍ୟ ପୋଡିଯାଇଛି । ସୋମବାର ଭଞ୍ଜନଗର ବିଡିଓ ଶଶୀଭୂଷଣ ମହାପାତ୍ର, ତହସିଲଦାର ଅଦ୍ୟୁତାନନ୍ଦ ଜାନି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଲୋକଙ୍କୁ ଥଇଥାନ କରିବା ସହ ପ୍ରାଥମିକ ଭାବେ କିଛି ସହାୟତା ପ୍ରଦାନ କରିଛନ୍ତି ।

# ପାରିବାରିକ କଳହରୁ ଘରେ ନିଆଁ ଲଗାଇଲେ

ଛତ୍ରପୁର,୩୧।୧୦(ଡି.ଏନ୍.ଏ.)

ଛତ୍ରପୁର ବିରେଶ୍ୱର ମନ୍ଦିର ନିକଟରେ ରହୁଥବା ଶଙ୍କର ବାହାଦୂର ପାରିବାରିକ କଳହରୁ ରବିବାର ରାତିରେ ନିଜ ଘରେ ନିଆଁ ଲଗାଇ ଫେରାର୍ ହୋଇଯାଇଛନ୍ତି । ଘର ଭାଗବଣ୍ଟାକୁ ନେଇ ଦୁଇ ଦିନ ତଳେ ଶଙ୍କର ତାଙ୍କ ମା' ଲକ୍ଷ୍ମୀଙ୍କୁ ଗାଳିଗୁଲଜ କରିଥିଲେ । ଏହା ପରଠାରୁ ଲକ୍ଷ୍ମୀ ତାଙ୍କ ଝିଅ ଘରେ ରହୁଛନ୍ତି । ଘର ଭାଗବଣ୍ଟା ଓ ବିକ୍ରିକୁ ଶଙ୍କରଙ୍କ ସ୍ତ୍ରୀ ମଧ୍ୟ ପ୍ରତିବାଦ କରୁଥିଲେ । ରବିବାର ରାତିରେ ଶଙ୍କର ଏକ କିରୋସିନ ବ୍ୟାରେଲ ଧରି ଘରକୁ ଆସିଥିଲେ । ଭୟରେ ତାଙ୍କ ସ୍ତ୍ରୀ ନିକଟରେ ରହୁଥିବା ତାଙ୍କ ନଣନ୍ଦଙ୍କ ଘରକୁ ଚାଲିଯାଇ ଥିଲେ । ଘଟଣା ଜାଣିବା ପରେ ଭଉଣୀ ରାତିରେ ଘରକୁ ଆସିଥିବାବେଳେ ଶଙ୍କର ନିଜ ଘରେ କିରୋସିନ୍ ଢାଳି ନିଆଁ ଲଗାଇଦେଇଥିଲେ। ଏ ସମ୍ପର୍କରେ ଛତ୍ରପୁର ଥାନା ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା । ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଏ ସମ୍ପର୍କରେ ଶଙ୍କରଙ୍କ ସ୍ତ୍ରୀ ଛତ୍ରପୁର ଥାନାରେ ଏତଲା ଦେଇଛନ୍ତି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ଉପଜିଲାପାଳଙ୍କ ଅଭିଯୋଗ ଶୁଣାଣି



ଉପଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି ।

ଭଞ୍ଜନଗର,୩୧।୧୦(ଡି.ଏନ.ଏ.)

ଭଞ୍ଜନଗର ଉପଖଣ୍ଡସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି । ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ ଅଭିଯୋଗଗୁଡିକର ଶୁଣାଣି କରିଥିଲେ । ଏହି ସମୟରେ ଭଞ୍ଜନଗର ସହାୟକ ଜିଲାପାଳ ସୁନନ୍ଦ ଶେଖର ସାହାଣୀ, ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ ମହାନ୍ତି, ଡାକ୍ତର ଅନିଲ କୁମାର ଚୌଧୁରୀ, ଭଞ୍ଜନଗର ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବିନୟ କୁମାର ସାହୁ , ଏଷ୍ଟାବ୍ଲିଶମେଣ୍ଟ ଅଧିକାରୀ ଅନିଲ କୁମାର ପଣ୍ଡା, ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୌରୀଶଙ୍କର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପଞ୍ଚାନନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

ସୋରଡା,୩୧।୧୦(ଡି.ଏନ.ଏ)

ସୋରଡ଼ା ପଞ୍ଚାନନ ମନ୍ଦିରରେ କାର୍ତ୍ତିକ ୪ର୍ଥ ସୋମବାରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଗଞ୍ଜାମ ସମେତ କନ୍ଧମାଳ ଓ ଗଜପତି ଜିଲାରୁ ପରିବାର ସହ ବହୁ ଭକ୍ତ ଆସିଥିବା ଦେଖାଯାଇଥିଲା । ଗାଡ଼ିମୋଟର ଭିଡକୁ ଦେଖି ମନ୍ଦିରର ୫୦୦ ମିଟର ଦୂରରେ ପାର୍କିଂ ବ୍ୟବସ୍ଥା କରାଯାଇଥିଲା । ଭୋର ୪ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଜନସମାଗମ ହୋଇଥିବାରୁ ଦିନସାରା ପୋଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିଲା । ମନ୍ଦିର ବେଢା ପରିସରରେ ନାମ ସଂକୀର୍ତ୍ତନ ଦଳଗୁଡିକର ସାମୁହିକ ଭଜନ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା । ବିଭିନ୍ନ ପ୍ରକାର ବ୍ୟବସାୟୀ ସେମାନଙ୍କ ପସରା ମେଲିଥିବା ଦେଖାଯାଇଥିଲା ।

# ୬୯ ଅଭିଯୋଗ ଶୁଣିଲେ ଜିଲାପାଳ

କ.ନୂଆଗାଁ, ୩୧।୧୦:

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ସଭା ଗୃହରେ ସୋମବାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ୍ ଯୋଗଦେଇ ୬୨ଟି ବ୍ୟକ୍ତିଗତ ଓ ୭ଟି ସାମୁହିକ ଅଭିଯୋଗ ଶୁଣିଥିଲେ । ବ୍ୟକ୍ତିଗତ ଅଭିଯୋଗଗୁଡିକ ମଧ୍ୟରେ ଭତ୍ତା, ବିଜୁ ପକ୍କାଘର ଓ ଜମି ପ୍ରଦାନ ଆଦି ଥିବାବେଳେ ପାନୀୟ ଜଳ, ଗମନାଗମନ ଓ କ.ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ୍ସ–ରେ ଓ ଅଲଟ୍ରାସାଉଣ୍ଡ ମେଶିନ୍ ନ ଥିବା ନେଇ ସାମୁହିକ ଅଭିଯୋଗ ଆସିଥିଲା । ଅଭିଯୋଗ ଶୁଣାଣିରେ ବାଲିଗୁଡା ଉପଜିଲାପାଳ ଏମ୍.ଏସ୍. ମଧୁମିତା, ବାଲିଗୁଡା ପିଆଇଟିଡିଏ ମଧୁସୂଦନ ବେହେରା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ହରିହର ଭୂୟାଁ, ବାଲିଗୁଡା ଏସ୍‌ଡିପିଓ ଜି.ଆର୍ ରାଘବେନ୍ଦ୍ର , ବିଡ଼ିଓ ଶରତ କୁମାର ପାତ୍ର, ତହସିଲଦାର ଲକ୍ଷ୍ମୀଧର ରାଉତ, ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରା, ଜିଲା ପରିଷଦ ସଭ୍ୟ ଅନିତା ମଲିକ, ବ୍ଲକ ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର, ସହକାରୀ ଯନ୍ତ୍ରୀ ସିଦ୍ଧେଶ୍ୱର ପାଣିଗ୍ରାହୀ ଓ ବ୍ଲକର ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ ।

# ମୃତକଙ୍କ ନାଁରେ ଭତ୍ତା ଉଠାରୁ ହଟ୍ଟଗୋଳ

ଦିଗପହଣ୍ଡି,୩୧।୧୦(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଓ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନ ବଡଡୁମୁଳା, କଇଠଖଣ୍ଡି, ଫାସିଗୁଡା ଓ ଏସ୍.ଟିକରପଡା ପଞ୍ଚାୟତ ଅଧିନରେ ଥିବା ବିଭିନ୍ନ ଗ୍ରାମରେ ଜାତୀୟ ସାମାଜିକ ସୁରକ୍ଷା ସହାୟତା ଯୋଜନା ମାଧ୍ୟମରେ ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ପାଉଥିବା ବହୁ ସଂଖ୍ୟକ ହିତାଧିକାରୀଙ୍କ ମୃତ୍ୟୁ ହୋଇଥିଲେ ମଧ ସେମାନଙ୍କ ଟଙ୍କା ଭୂତ ଉଠାଉଥିବା ନେଇ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନେ ଅଭିଯୋଗ କରି ପ୍ରବଳ ହଟ୍ଟଗୋଳ କରିଥିଲେ। କଇଠଖଣ୍ଡି ପଞ୍ଚାୟତର ମୃତ କାମ ମଲ୍ଲିକଙ୍କ ନାଁରେ ୫ ମାସର ୩୫୦୦ ଟଙ୍କା, ବଡଡୁମୁଳା ପଞ୍ଚାୟତର ସୀମାଞ୍ଚଳ ଗୌଡଙ୍କ ନାମରେ ୯ ମାସର ୪୫୦୦, ପଞ୍ଚାନନ ପ୍ରଧାନଙ୍କ ନାମରେ ୭ ମାସର ୩୫୦୦, କାଶୀ ନାୟକଙ୍କ ନାମରେ ୪ ମାସର ୨୦୦୦, ଏସ୍.ସିମାଞ୍ଚଳ ପାତ୍ରଙ୍କ ନାମରେ ୮ ମାସର ୫୬୦୦, ଫାସିଗୁଡା ପଞ୍ଚାୟତର ହେମ ସେଠୀ ଓ ଦଣ୍ଡାସୀ ଗୌଡଙ୍କ ନାମରେ ଗୋଟିଏ ମାସର ୫୦୦ ଟଙ୍କା ଲେଖାଏଁ,


ଜନଶୁଣାଣିରେ ଉପସ୍ଥିତ ଅଧିକାରୀ ବୃନ୍ଦ।

## ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା, ଜନଶୁଣାଣି ଶିବିର

ଏସ୍ .ଟିକରପଡା ପଞ୍ଚାୟତର କାଞ୍ଚନ ପାତ୍ରଙ୍କ ନାମରେ ୧୨ ମାସରେ ୬୦୦୦ ଟଙ୍କା ଉଠାଣ ହୋଇଥିବା ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମରେ ଶୁଣାଣୀ ହୋଇଥିଲା। ଏନେଇ ବିସ୍ତୃତ ଆଲୋଚନା କରାଯାଇ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରସ୍ତାବ ଗୃହୀତ ହେବା ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା। ଓଡ଼ିଶା ସାମାଜିକ ସମୀକ୍ଷା ଉତ୍ତର ଦାୟିତ୍ୱ ଓ ସ୍ୱଚ୍ଛତା ସମିତି ଆନୁକୁଲ୍ୟରେ ଆୟୋଜିତ ଶିବିରରେ ଦିଗପହଣ୍ଡି ବିଡିଓ ହଳଧର ଶବର ଅଧ୍ୟକ୍ଷତା କରିଥିଲେ। ଜନ ଶୁଣାଣୀରେ ସହକାରୀ ଜିଲାପାଳ ଶୁଭଶ୍ରୀ ରଥ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବ୍ଲକର ସମସ୍ତ ପଞ୍ଚାୟତରେ ରହିଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଗୁଡ଼ିକର ଅଗ୍ରଗତି ସହ ସେସବୁକୁ ତ୍ୱରାନ୍ୱିତ କରାଯିବା ସହ ବିଭିନ୍ନ ପଞ୍ଚାୟତରେ ରହିଥିବା ତ୍ରୁଟି ଗୁଡ଼ିକୁ କିଭଳି ଦୂରୀଭୂତ କରାଯାଇପାରିବ ତାହାକୁ ନେଇ ଶିବିରରେ ଆଲୋଚନା କରାଯାଇଥିଲା। ମଧ୍ୟରେ ବ୍ଲକ ସହକାରୀ ଯନ୍ତ୍ରୀ ଇଂ .ଗୌରବ ସାହୁ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ରଥ, ବ୍ଲକ ଅଧ୍ୟକ୍ଷା ସୁନୀତା କୁମାରୀ ସେଠୀ, ଏପିଓ ସନ୍ତୋଷ କୁମାର ସାହୁ , ଜିଲା ସାମାଜିକ ସମୀକ୍ଷକ ରବିନ୍ଦ୍ରନାଥ ମଲାଣ, ବ୍ଲକ ସାମାଜିକ ସମୀକ୍ଷକ ଶଙ୍କର ମିଶ୍ର, ଜିପିଓ ଉମେଶ ସେଠୀ ସମେତ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ସରପଞ୍ଚ ଓ ସରପଞ୍ଚ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।

# ଶିକ୍ଷାର୍ଥୀ ପ୍ରୋତ୍ସାହନ ଉତ୍ସବ- ୨୦୨୨

ଭାପୁର,୩୧।୧୦ (ଡି.ଏନ.ଏ.)

ଭାପୁର ବ୍ଲକ ଶାଳପଡ଼ା ପଞ୍ଚାୟତ ଅଧୀନ ନୂଆଗାଁ କବିରାଜ ବୈଦ୍ୟନାଥ ଉଚ୍ଚ ବିଦ୍ୟାଳୟଠାରେ ଶିକ୍ଷାର୍ଥୀ ପ୍ରୋତ୍ସାହନ ଉତ୍ସବ-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଉମାମଣୀ-ନାରାୟଣ ଟ୍ରଷ୍ଟଫଣ୍ଡ ତରଫରୁ ଏହାକୁ ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ କବିରାଜ ବୈଦ୍ୟନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ସନାତନ ଷଡ଼ଙ୍ଗୀ, ଉମାମଣୀ -ନାରାୟଣ ଟ୍ରଷ୍ଟ ଫଣ୍ଡର ସଭାପତି ମନୋରଞ୍ଜନ ପଣ୍ଡା, ପୁରାତନ ଛାତ୍ରଛାତ୍ର ସଂସଦ ସଭାପତି ପ୍ରଶନ୍ନ କୁମାର ପଣ୍ଡା, ରଞ୍ଜିତା ପଣ୍ଡା, ସୁଦର୍ଶନ ପଣ୍ଡା ଯୋଗଦେଇଥିଲେ। ବିଦ୍ୟାଳୟର ଦଶମ ଶ୍ରେଣୀର ୨ ଛାତ୍ରୀ ପଲ୍ଲବୀ ମଲ୍ଲ ଓ ଭୂମିକା ପଣ୍ଡା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମନୋଜ କୁମାର ଶତପଥୀ ଉମାମଣି-ନାରାୟଣ ଟ୍ରଷ୍ଟଫଣ୍ଡ ତରଫରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହନ ରାଶି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ରାଜଲକ୍ଷ୍ମୀ ପଣ୍ଡା, ଦେବାଶିଷ ପଣ୍ଡା, ଅଞ୍ଜୁଶ୍ରୀ ପଣ୍ଡା ଓ ରୁଦ୍ର ପ୍ରସାଦ ପଣ୍ଡାଙ୍କୁ ଆଠଶହ ଲେଖାଏ ପ୍ରୋତ୍ସାହନ ରାଶି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ୨୦୨୧ରେ ମାଟ୍ରିକରେ ଅଧିକ ମାର୍କ ରଖି କୃତକାର୍ଯ୍ୟ ହୋଇଥିବା ସର୍ବେଶ୍ୱର ପଣ୍ଡା, ଚିନ୍ମୟୀ ପ୍ରିୟଦର୍ଶିନୀ, ସିଦ୍ଧେଶ୍ୱର ପଣ୍ଡା ଓ ୨୦୨୦ମସିହାର ଛାତ୍ରଛାତ୍ରୀ ଶୁଭଶ୍ରୀ ମିଶ୍ର, ସିଦ୍ଧାର୍ଥ ଶଙ୍କର ପଣ୍ଡା ସୌରଭ କୁମାର ପଣ୍ଡାଙ୍କୁ ୫ଶହ ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଥିଲା। ୧୫ଶହ ଟଙ୍କା ଓ ମାନପତ୍ର ମେଧାବୀ ଛାତ୍ରୀ ବିଜୟ ଲକ୍ଷ୍ମୀ ପଲ୍ଲଙ୍କୁ ଅତିଥି ପ୍ରଦାନ କରିଥିଲେ। ଶେଷରେ ତପନ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ୍ୟ ଏହି ଉତ୍ସବରେ ଛାତ୍ରଛାତ୍ରୀ ମାନଙ୍କ ମନୋରଞ୍ଜନ ପାଇଁ ସମ୍ବଲପୁରୀ ଡ୍ୟାନ୍ସ ଓ ଲୋକକଳା ଗୀତ ପରିବେଷଣ କରାଯାଇଥିଲା।


ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ସଂକ୍ଷେପରେ

### ରାଷ୍ଟ୍ରୀୟ ଏକତା ଦିବସ

ଆର.ଉଦୟଗିରି,୩୧।୧୦(ଡି.ଏନ.ଏ.)- ଆର.ଉଦୟଗିରି ମହେନ୍ଦ୍ରତନୟା ଉଚ୍ଚ ମାଧମିକ ବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଉପଲକ୍ଷେ ସୋମବାର ଏକ ଡିବେଟ୍ ଏବଂ କ୍ରୀଡା ପ୍ରତିଯୋଗୀତାର ଆୟୋଜନ କରାଯାଇଥିଲା। ଏହି ଦିବସରେ ସମସ୍ତ ମହେନ୍ଦ୍ରତନୟା ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ସହକର୍ମୀ ନୀଳାଚଳ ପାଣିଗ୍ରାହୀ, ନିରଞ୍ଜନ ପାଣିଗ୍ରାହୀ, ଗାୟତ୍ରୀ ସାବତ, କେଦାର ନାଥ ପାଠୀ, ସୁମନ୍ତ ବେହେରା, କୃତାଞ୍ଜନୀ ରଇତ, ପଦ୍ମନାଭ ଦଳପତିଙ୍କ ସମେତ ଦ୍ୱିତୀକୃଷ୍ଣ ପ୍ରଧାନ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳିତ କରିଥିଲେ। ଉକ୍ତ ଦିବସରେ ଅଧକ୍ଷା ଭାରତୀ ମିଶ୍ର ପୁରସ୍କାର ବିତରଣ କରିଥିଲେ। ସେହିପରି କେ.ଏମ.ଭାଲିଆ ସାହି ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୭ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ୨୭ ଛାତ୍ରୀଛାତ୍ର ଏବଂ ୨ ଜଣ ଶିକ୍ଷକଙ୍କ ମଧ ସାମୁହିକ ଜନ୍ମଦିନ ମହାସମାରୋହରେ ପାଳନ କରାଯାଇଛି।

### ପିପୁଲ୍ସ କଲେଜର ପାଠଚକ୍ର କାର୍ଯ୍ୟକ୍ରମ

ବୁଗୁଡ଼ା,୩୧।୧୦(ଡି.ଏନ.ଏ.):ବୁଗୁଡା ପିପୁଲ୍ସ କଲେଜର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଏକ ପାଠଚକ୍ର କାର୍ଯ୍ୟକ୍ରମ ସ୍ୱପରିସରସ୍ଥ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ରଜନୀ କାନ୍ତ ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ରଜନୀ କାନ୍ତ ଭଞ୍ଜ, ମୁଖ୍ୟବକ୍ତା ଭାବେ ଜି.ଉଦୟଗିରି କଲେଜ ଅଧାପକ ନଳିନୀ କାନ୍ତ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧାପକ ପ୍ରଶାନ୍ତ କୁମାର ମହାପାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଅଧାପକ ସଞ୍ଜୟ କୁମାର ପ୍ରଧାନ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ଅଧାପକ ସଞ୍ଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟତମ ଅଧାପକ ହିମାଂଶୁ ଶେଖର ରଥ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରକାଶ ଯୋଗ୍ୟ, ଉକ୍ତ ପାଠଚକ୍ର ପୂର୍ବରୁ ଓଡିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାଚୀର ପତ୍ର ବିରଞ୍ଚିର ଶୁଭ ଉଦ୍‌ଘାଟନ ମୁଖ୍ୟଅତିଥିଙ୍କ ଦ୍ୱାରା କରାଯାଇଥିଲା।

### ବଢ଼ିଲା ଶୀତ: ଖୋଲିଲା ଆଶ୍ରୟ ସ୍ଥଳୀ

ଜି.ଉଦୟଗିରି,୩୧।୧୦(ଡି.ଏନ.ଏ.): ଜି.ଉଦୟଗିରିରେ ଦିନକୁଦିନ ତାପମାତ୍ରା କମିବାରେ ଲାଗିଛି। ସୋମବାର ମଧ ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ ରେକର୍ଡ କରାଯାଇଛି ବୋଲି ସ୍ଥାନୀୟ କୃଷି ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଅକ୍ଷୟ କୁମାର ସେଠୀ କହିଛନ୍ତି। ଶୀତକୁ ଦୃଷ୍ଟିରେ ରଖି ଜି.ଉଦୟଗିରି ଏନ୍‌ଏସି ତରଫରୁ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଶୀତ କାଳୀନ ରାତ୍ର ଆଶ୍ରୟସ୍ଥଳୀ ସୋମବାର ଖୋଲାଯାଇଛି ବୋଲି ଏନ୍‌ଏସି ଅଧକ୍ଷା ଭାନୁପ୍ରଭା ମିଶ୍ର ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀ କହିଛନ୍ତି। ଅନ୍ୟପଟେ ଭୀଷଣ କୁହୁଡ଼ି ଯୋଗୁ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହେଉଛି।

### ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ଭିଡ଼

ଶେରଗଡ,୩୧।୧୦(ଡି.ଏନ.ଏ.)- ଶେରଗଡ ବ୍ଲକର ବିଭିନ୍ନ ଶୈବ ପୀଠରେ ଚତୁର୍ଥ ସୋମବାର ଉପଲକ୍ଷେ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି। ଶେରଗଡ଼ର ବୁଧେଶ୍ୱର, କରଡାକଣା ଗଡ଼ପଡ଼ିଆ, ଧନନ୍ତର ନାଥଏଶ୍ୱର, ପିତଳର ଉତ୍ତରେଶ୍ୱର, କୁଲାଗଡ଼ର ଗରୁଡସର ସମେତ ବ୍ଲକର ବିଭିନ୍ନ ଗ୍ରାମରେ ଥିବା ଶୈବପୀଠରେ ସକାଳ ବିଶେଷ କରି କରଡ଼ାକଣାଠାରେ ଥିବା ଗଡ଼ପଡ଼ିଆ ବାବା ଉଦୟ ନାଥ ପୀଠରେ ପ୍ରବଳ ଜନ ସମାଗମ ହେବା ସହ ବ୍ୟାପକ ପୂଜାର୍ଚ୍ଚନା କରାଯାଇଥିଲା।

# ଖଣ୍ଡପଡ଼ା ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି ଶିବିର



ଜିଲାପାଳଙ୍କ ନିକଟରେ ଲୋକେ ଅଭିଯୋଗ କରୁଛନ୍ତି।

ଖଣ୍ଡପଡ଼ା,୩୧।୧୦ (ସ୍ୱ.ପ୍ର.)

ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରବୀନ୍ଦ୍ରନାଥ ସାହୁ ଉପସ୍ଥିତ ରହି ଜନସାଧରଣଙ୍କ ଆପତ୍ତି, ଅଭିଯୋଗଗୁଡ଼ିକ ଶୁଣିଥିଲେ। ସର୍ବମୋଟ ୧୯୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ବିଭିନ୍ନ ଅଭିଯୋଗ ମଧ୍ୟରେ ୧୭୩ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ଗୋଟିଏ ସାମୁହିକ ଗ୍ରାମ ବିବାଦ ଶୁଣାଣି କରାଯାଇ ସମୁଦାୟ ୬୯ ଗୋଟି ମାମଲାର ତତ୍କାଳୀନ ସମାଧାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇବା ନିମନ୍ତେ ଆବେଦନପତ୍ର ଦାଖଲ କରିଥିବା ୧୭ଜଣ ଆବେଦନକାରୀଙ୍କୁ ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା। ହସ୍ତଗତ ହୋଇଥିବା ଅବଶିଷ୍ଟ ଅଭିଯୋଗଗୁଡିକ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ଖଣ୍ଡପଡ଼ା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି। ବିଭିନ୍ନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଜନଶୁଣାଣି ଶିବିରରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଅଲେଖ ଚନ୍ଦ୍ର ପାହି, ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ବିଡିଓ ଅରୁଣୀମା ସାହୁ, ଡେପୁଟି କଲେକ୍ଟର(ଅଭିଯୋଗ) ଆୟୁଷି ମହାପାତ୍ର, ତହସିଲଦାର ପାର୍ଥ ସାରଥୀ ହାଁସଦା, ଖଣ୍ଡପଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଶିଶିର କୁମାର ସାହୁଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

### ଘର ପଟ୍ଟା ପାଇଁ ତହସିଲଦାରଙ୍କୁ ଦାବିପତ୍ର

କାଶୀନଗର,୩୧।୧୦

କାଶୀନଗର ବ୍ଲକର କିଡୀଗାଁ ପଞ୍ଚାୟତ ସୁଂକୁନୁପେଟା ଗ୍ରାମର ଆଦିବାସୀମାନେ ଘର ପଟା ତୁରନ୍ତ ଯୋଗାଇଦେବା ପାଇଁ ସୋମବାର ସ୍ଥାନୀୟ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କେଦାର ଶବର, କ୍ରିଷ୍ଣା ଶବର, ସୁନକାନ ଶବର ପ୍ରମୁଖଙ୍କ ନେତୃତ୍ୱରେ ଉକ୍ତ ଦାବିପତ୍ର ଅନୁଯାୟୀ ପିତୃ ପିତାମହ ଅମଳରୁ ଆଦିବାସୀମାନେ ସୁଂକାନୁପେଟା ଗ୍ରାମରେ ବସବାସ କରି ଆସୁଥିଲେ ମଧ ସେମାନଙ୍କୁ ଘର ପଟା ମିଳିନାହିଁ। ବାରମ୍ବାର ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ ପ୍ରଶାସନ ନିରବ ରହିଛି। ଫଳରେ ଜାତିଗତ ପ୍ରମାଣପତ୍ର ଓ ସ୍ଥାୟୀବାସୀନ୍ଦା ପ୍ରମାଣ ପତ୍ର ପାଇବା କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ତୁରନ୍ତ ଜମିପଟା ପ୍ରଦାନ ପାଇଁ ଦାବି ରଖିଥିବା ବେଳେ ଦାବିପତ୍ରର ନକଲ ଗଜପତି ଜିଲା ରାଇଟ ପ୍ରୋଟେକ୍ସନ କମିଟି କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଛନ୍ତି। କମିଟିର ସଭାପତି ପ୍ରଶାନ୍ତ ମିଶ୍ର କହିଛନ୍ତି ଯେ ତହସିଲଦାରଙ୍କ ସହ ଆଲୋଚନା ପରେ ସେ ପରବର୍ତ୍ତୀ ପଦକ୍ଷେପ ନେବେ।

# ଶିଶୁଙ୍କ ବନ୍ଧୁତ୍ୱପୂର୍ଣ୍ଣ ଥାନା ଉଦ୍‌ଘାଟିତ

ନୟାଗଡ ଅଫିସ, ୩୧।୧୦

## ନୟାଗଡ଼ ସଦର ଥାନା ସମେତ ରାଜ୍ୟରେ ୧୬ ଥାନାରେ କାର୍ଯ୍ୟକ୍ଷମ

ଶିଶୁଙ୍କ ବନ୍ଧୁତ୍ୱପୂର୍ଣ୍ଣ ଥାନା ନୟାଗଡ଼ ଜିଲାର ସଦର ଥାନା ସମେତ ରାଜ୍ୟର ୧୬ଟି ସ୍ଥାନରେ ସୋମବାର ଉଦ୍‌ଘାଟିତ ହୋଇଛି। ଏହାକୁ ଭିଡିଓ କନ୍‌ଫେରେନ୍ସରେ ଆଇଟି, କ୍ରୀଡା ଓ ଯୁବ ଏବଂ ଗୃହ ବିଭାଗ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତୀ ବେହେରା ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡିଜିପି ସୁନୀଲ କୁମାର ବଂଶଲ, ସିଆଡିର ଆଡିଶିନାଲ ଡିଜି ଅରୁଣ କୁମାର ବୋଥ୍ରା, ଆଡିଶିନାଲ ଡିଜି ରେଖା ଲୋହାନୀ ଉପସ୍ଥିତ ଥିଲେ। ନୟାଗଡ଼ ସଦର ଥାନାରେ ଏସ୍‌ପି ଅଲେଖ ଚନ୍ଦ୍ର ପହି, ନୟାଗଡ଼ ଏସ୍‌ଡିପିଓ ଶୁଭେନ୍ଦ୍ର ସିଂ, ସଦର ଥାନା ଆଇଆଇସି ଦୀପକ ଖଣ୍ଡାୟତରାୟ ପ୍ରମୁଖ ଭିଡିଓ କନ୍‌ଫେରେନ୍ସରେ ସାମିଲ ହୋଇଥିଲେ। ନୟାଗଡ଼ ସଦର ଥାନାରେ ରାଇବିରି ତିରିଆ ଏହି ଥାନାର ଭାରପ୍ରାପ୍ତ ଅଫିସର ଭାବେ କାମ କରିବେ। ରାଜ୍ୟରେ ୩୬ଟି ଶିଶୁଙ୍କ ବନ୍ଧୁତ୍ୱପୂର୍ଣ୍ଣ ଥାନା ଉଦ୍‌ଘାଟନ ହେବ। ପ୍ରଥମ ପର୍ଯ୍ୟାୟରେ ୧୬ଟି କାର୍ଯ୍ୟକ୍ଷମ ହୋଇଛି।



ଥାନା ଉଦ୍‌ଘାଟନରେ ଏସ୍‌ପି ଅଲେଖ ଚନ୍ଦ୍ର ପହି ଓ ଅନ୍ୟମାନେ।

# ଅଗ୍ନିକାଣ୍ଡରେ ୨ ବଖରା ପୋଡ଼ିଗଲା

ଦଶପଲ୍ଲା,୩୧।୧୦ (ଡି.ଏନ.ଏ.)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍‌ର ବାଣୀଗୋଛା ନୂଆସାହି ଗ୍ରାମରେ ସୋମବାର ତ୍ରିଲୋଚନ ଭୋଇଙ୍କ ଘରେ ଆକସ୍ମିକ ଭାବେ ନିଆଁ ଲାଗି ୨ ବଖରା ପୋଡିଯାଇଛି। ଏଥିରେ ଘରେ ଥିବା ସମସ୍ତ ଆସବାବପତ୍ର ସମେତ ଗଚ୍ଛିତ ଥିବା ଖାଦ୍ୟ ସାମଗ୍ରୀ ମଧ ପୋଡି ପାଉଁଶ ହୋଇଯାଇଛି। ଖବରପାଇ ଦଶପଲ୍ଲା ଅଗ୍ନିଶମ ବାହିନୀ, ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଖବରପାଇ ବାଣୀଗୋଛା ସରପଞ୍ଚ ସସ୍ମିତା ମହାକୁଡ଼ ଘଟଣାସ୍ଥଳରେ ପହଞ୍ଚି ଅଗ୍ନି ବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ ପ୍ରଦାନ କରିଥିବା ଜଣାଯାଇଛି।


ପୋଡ଼ିଯାଉଥିବା ଘରକୁ ଲୋକେ ପାଣି ପକାଉଛନ୍ତି।

### ଉପଭୋକ୍ତା ଅଧିକାର ସୁରକ୍ଷା ସମିତିର ବୈଠକ

କାଶୀନଗର,୩୧।୧୦

ଗଜପତି ଜିଲା ଉପଭୋକ୍ତା ଅଧିକାର ସୁରକ୍ଷା କମିଟିର ଏକ ବୈଠକ ରବିବାର କାଶୀନଗରଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟିର ସଭାପତି ପ୍ରଶାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଆର. ଲୋକନାଧାମ ପୂର୍ବ ବୈଠକର ବିବରଣୀ ପାଠ କରିବା ପରେ ଉପଭୋକ୍ତାମାନେ ସମ୍ପ୍ରତି ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। କମିଟିର କାର୍ଯ୍ୟକାରୀ ସଭାପତି ତନୁଜା ଶତପଥୀ, କୋଷାଧ୍ୟକ୍ଷ ଶିଶିର କୁମାର ସାମନ୍ତ, ସଦସ୍ୟ କେଦାର ଶବର, ଟି.ଚକ୍ରଧର ନାୟକ, ଆର.ଧର୍ମ ରାଓ, ମାଧବ ରାଓ, କେ ଭେଙ୍କଟ ରାଓ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଦୁର୍ନୀତି ନିବାରଣ ଉପରେ ଶପଥ

ନୟାଗଡ଼ ଅଫିସ,୩୧।୧୦

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ଜାତୀୟ ମୂଲ୍ୟାୟନ ଓ ମାନ୍ୟତା କାଉନସିଲ (ୟୁଜିସିର ନାକ୍ ଟିମ୍ ) ନାକ୍ ମାନ୍ୟତାର ନବୀକରଣ ପାଇଁ ନଭେମ୍ବର ୧ ଓ ୨ ତାରିଖରେ ପରିଦର୍ଶନରେ ଆସୁଛନ୍ତି। ଏଥିପାଇଁ ମହାବିଦ୍ୟାଳୟର ସମସ୍ତ ଆନୁଷଙ୍ଗିକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସ୍ୱୟଂ ଶାସିତ ମହାବିଦ୍ୟାଳୟର ମାନ୍ୟତା ବଜାୟ ରଖିବାକୁ ମହାବିଦ୍ୟାଳୟ ପକ୍ଷରୁ ସବୁ ପ୍ରକାରର ଉଦ୍ୟମ କରାଯାଇଛି।

# ସ୍କୁଲଗୃହ ଅଙ୍ଗନୱାଡି କେନ୍ଦ୍ରକୁ ଦେବାଲାଗି ନିର୍ଦ୍ଦେଶ

ପୁରୁଷୋତ୍ତମପୁର,୩୧।୧୦(ଡି.ଏନ.ଏ.)

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ପୁରୁଷୋତ୍ତମପୁର ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଜିଲାପରିଷଦ ଉନ୍ନୟନ ଅଧିକାରୀ ଭି କୀର୍ତ୍ତିଭାସନ ଯୋଗଦେଇ ଲୋକଙ୍କ ସାମୂହିକ ଓ ବ୍ୟକ୍ତିଗତ ସମସ୍ୟାର ଶୁଣାଣି କରିଛନ୍ତି। ଏନ୍‌ଏସି ୱାର୍ଡ ନଂ ୯ରେ ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ଶିଶୁମାନେ ଖୋଲା ଆକାଶ ତଳେ ବସିପାଠ ପଢୁଥିବା କାଉନସିଲର ଲିଙ୍ଗରାଜ ବେହେରା, ସରୋଜ କୁମାର ପଣ୍ଡା ଓ ରାମକୃଷ୍ଣ ପଣ୍ଡାଙ୍କ ସମେତ ବହୁ ମହିଳା ଆସି ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ। ଶିଶୁଙ୍କ ଏଭଳି ଦୟନୀୟ ଅବସ୍ଥାର ଫଟୋକୁ ଦେଖି ଜିଲାପାଳ ଅତି ଗୁରୁତର ସହ ନେଇ ସେହି ୱାର୍ଡର ଧୋବାସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଅଦରକାରୀ ଗୃହରେ ଶିକ୍ଷା ବିଭାଗ ପକ୍ଷରୁ କରାଯାଉଥିବା ବହିଗୋଦାମକୁ ତୁରନ୍ତ ସପ୍ତାହକ ମଧ୍ୟରେ ଏନ୍‌ଏସିର ୱାର୍ଡ ନଂ ୧୨ ଓ ୱାର୍ଡ ନଂ ୨ରେ ଉଚ୍ଛେଦ ହୋଇ ପଡିରହିଥିବା କପିଳେଶ୍ୱରପୁର ଶାଶନ ସ୍କୁଲ କିମ୍ବା ପଞ୍ଚମା ସ୍କୁଲର ଗୃହକୁ ସ୍ଥାନାନ୍ତର କରି ଏହି ଧୋବାସାହି ସ୍କୁଲ ଗୃହକୁ ୱାର୍ଡନଂ ୯ ରଥସାହି ଅଙ୍ଗନୱାଡି କେନ୍ଦ୍ର ଲାଗି ଯୋଗାଇ ଦେବା ପାଇଁ ଉପସ୍ଥିତ ଥିବା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜେଶ କୁମାର ପ୍ରଧାନ ଓ ବ୍ଲକ ଶିକ୍ଷା ଅଧିକାରୀ କିଶୋର ବେହେରାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିଥିଲେ। ଏହାକୁ ନେଇ ଜିଲାପାଳ ନିର୍ବାହୀ ଅଧିକାରୀଙ୍କୁ ସମସ୍ୟାର ସମାଧାନ ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲାପାଳ ଭିନ୍ନକ୍ଷମ ଶିଶୁ ଓ ହିତାଧିକାରୀଙ୍କୁ ଭତ୍ତା ଚେକ୍ ପ୍ରଦାନ କରିଥିଲେ। ଏଥିରେ ପ୍ରୋବେସନ ଆଇଏଏସ ଅଧିକାରୀ ମିସ ଦୀନା, ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଛତ୍ରପୁର ଉପ ଜିଲାପାଳ ପ୍ରଶନ କୁମାର ପାତ୍ର, ବିଡିଓ ବିଜୟ କୁମାର ବେହେରା, ତହସିଲଦାର ସନ୍ତୋଷ କୁମାର ସାହୁ, ଅତିରିକ୍ତ ତହସିଲଦାର ସୁନୀଲ କୁମାର ଗୁଡୁ ଓ ସ୍ମୃତି ଶୁଭଦର୍ଶୀ ସାହୁ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପି ପଦ୍ମା, ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ, ବ୍ଲକ ଶିକ୍ଷା ଅଧିକାରୀ କିଶୋର ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ପରିକ୍ଷିତ ସାହୁ, ପୁରୁଷୋତ୍ତମପୁର ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ମନୋଜ କୁମାର ଶତପଥୀ, ଏନ୍‌ଏସି ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ପ୍ରଫୁଲ୍ଲ କୁମାର ଗୌଡଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ବିଜ୍ଞାନ ବିକାଶ ସଂଗଠନ ଗଠିତ

କାଶୀନଗର,୩୧।୧୦

ଗଜପତି ଜିଲାର ବିଜ୍ଞାନ ମନସ୍କ ବୁଦ୍ଧିଜୀବୀଙ୍କ ଏକ ସମାବେଶ କାଶୀନଗରଠାରେ ଅନୁଷ୍ଠିତ ହୋଇଥିଲା। ଜଣାଶୁଣା କବି ଓ ଲେଖକ ପ୍ରଶାନ୍ତ ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। ଅନ୍ଧବିଶ୍ୱାସ ପ୍ରଭାବରେ ସମାଜରେ ଘଟୁଥିବା ହିଂସାକୁ ନେଇ ସମାବେଶରେ ପ୍ରକାଶ ପାଇଥିଲା। ସମ୍ବିଧାନ ଅଧାରରେ ବୈଜ୍ଞାନିକ ମନୋଭାବ ବିକାଶ ଘଟିବା ପାଇଁ କାର୍ଯ୍ୟରତ ହେତୁବାଦୀ ବ୍ୟକ୍ତି ବିଶେଷ ସଂଗଠନ ଗୁଡ଼ିକ ବିରୋଧରେ କୁତ୍ସାରଟନା ଆକ୍ରମଣାତ୍ମକ କାର୍ଯ୍ୟକଳାପକୁ ବକ୍ତାମାନେ ନିନ୍ଦା କରିଥିଲେ। ସର୍ବସମ୍ମତି କ୍ରମେ ବିଜ୍ଞାନ ବିକାଶ ନାମରେ ଏକ ସଙ୍ଗଠନ ଗଢ଼ା ଯାଇଥିଲା। କେଦାର ଶବର ଏହାର ଆବାହକ ରୂପେ ମନୋନୀତ ହୋଇଥିଲେ। ଗଜପତି ଜିଲାର ବିଭିନ୍ନ ସ୍ଥାନରେ ସମାବେଶ କରି ଅନ୍ଧବିଶ୍ୱାସ ବିରୋଧରେ ବୈଜ୍ଞାନିକ ଚିନ୍ତନ ସପକ୍ଷରେ ଲୋକଙ୍କୁ ଏହି ନବ ଗଠିତ ସଂଗଠନ ଜରିଆରେ ସଚେତନ କରାଯିବ ବୋଲି ସମାବେଶରେ ଅଧକ୍ଷତା କରିଥିବା ମିଶ୍ର କହିଥିଲେ।

# ନ୍ୟାୟ ପାଇଁ ପ୍ରଥମ ସ୍ତ୍ରୀଙ୍କ ଧାରଣା

ବେଗୁନିଆ,୩୧।୧୦(ଡି.ଏନ୍.ଏ.)



## ଗୋପନରେ ସ୍ୱାମୀ କଲେ ଦ୍ୱିତୀୟ ବିବାହ

ପ୍ରଥମେ ପ୍ରେମ, ପରେ ରୀତିନୀତି ଅନୁଯାୟୀ ବିବାହ। ଶେଷରେ ୧୪ ବର୍ଷର ସମ୍ପର୍କ ତୁଟାଇ ସ୍ୱାମୀ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କଲେ। ଫଳରେ ଏବେ ନ୍ୟାୟ ପାଇଁ ମହିଳା ଜଣଙ୍କ ପୁଅ ଝିଅଙ୍କୁ ଧରି ସମ୍ପୃକ୍ତ ଯୁବତୀ ତଥା ସ୍ୱାମୀଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ଘର ସମ୍ମୁଖରେ ସୋମବାର ଧାରଣା ଦେଇଛନ୍ତି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଅଞ୍ଚଳରେ ଏହି ଘଟଣା ଦେଖିବାକୁ ମିଳିଛି। ସୂଚନାଥାଉ କି, ନୟାଗଡ଼ ଜିଲା ଇଟାମାଟି ଥାନା ବଡ଼ପଣ୍ଡୁସର ଗ୍ରାମର ମଞ୍ଜୁବାଳା ପରିଡ଼ା ୧୪ବର୍ଷ ପୂର୍ବେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ବୁଢ଼ା ଗ୍ରାମର ବସନ୍ତ ରାଉତଙ୍କୁ ବିବାହ କରିଥିଲେ। ବଲାଙ୍ଗୀରରେ ଠିକାଦାର ଭାବେ ବସନ୍ତ କାର୍ଯ୍ୟ କରନ୍ତି। ତେବେ ବିବାହର କିଛି ଦିନ ପରେ ଯୌତୁକକୁ ନେଇ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏପରିକି ବସନ୍ତ ମଞ୍ଜୁବାଳାଙ୍କୁ ନିର୍ଯାତନା ଦେଉଥିଲେ। ଶେଷରେ ମଞ୍ଜୁବାଳାଙ୍କ ବାପଘର ଲୋକେ ଦାବି ମୁତାବକ ଯୌତୁକ ଦେଇଥିଲେ। ହେଲେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହିଥିଲା। ୨୦୨୧ ଏପ୍ରିଲ ୪ରେ ବସନ୍ତ ଘରକୁ ଆସି ମଞ୍ଜୁବାଳାଙ୍କୁ ମାଡ଼ ମାରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ମଞ୍ଜୁବାଳାଙ୍କ ଅଭିଯୋଗକ୍ରମେ ବୋଲଗଡ ଥାନାରେ ଏକ ମାମଲା (ନଂ.୫୪/୨୧) ରୁଜୁ ହୋଇଥିଲା। ମାମଲାକୁ ୧୮ମାସ ବିତିଯାଇଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଅନ୍ୟପଟେ ବସନ୍ତ ବେଗୁନିଆ ବ୍ଲକ ପୋଡାଡିହ ଅଞ୍ଚଳର ଅନ୍ୟ ଜଣେ ଯୁବତୀଙ୍କୁ ଦ୍ୱିତୀୟ ବିବାହ କରିଛନ୍ତି। ଶାଶୁଘର ଲୋକେ ଏବଂ ପୋଲିସ ପ୍ରଶାସନ ଠାରୁ ନ୍ୟାୟ ମିଳିଲା ନାହିଁ। ଫଳରେ ନ୍ୟାୟ ପାଇଁ ସମ୍ପୃକ୍ତ ଯୁବତୀ ତଥା ସ୍ୱାମୀଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ବସନ୍ତଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ଘର ସମ୍ମୁଖରେ ଧାରଣା ଦେଇଛି ବୋଲି ମଞ୍ଜୁବାଳା କହିଛନ୍ତି।